


Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR





✦Vol - 22✦ Issue No:150✦24 September 2026 (Thursday)✦Rourkela ✦Rs.2.00 ✦Page -1 ✦୨୨ ବର୍ଷ ✦ସଂଖ୍ୟା:୧୫୦✦୨୪ ସେପ୍ଟେମ୍ବର ୨୦୨୬ (ଗୁରୁବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


## ମୁଖ୍ୟମନ୍ତ୍ରୀ ଦେଲେ ନିର୍ଦ୍ଦେଶ : ଜୀବନ ସୁରକ୍ଷା ପାଇଁ ଅଟାଂ ଭିଡ଼, ସମନ୍ୱୟ ରଖି ସତର୍କତା ଅବଲମ୍ବନ କର



ଭୁବନେଶ୍ୱର,୨୩/୯(ନି/ପ୍ର): ଯାହା କରୁଛ କର ଅବପାତଜନିତ ପ୍ରବଳ ବର୍ଷାରୁ ଜଣଙ୍କର ବି ମୃତ୍ୟୁ ନହୁଏ ତାକୁ ଧ୍ୟାନରେ ରଖି ପ୍ରସ୍ତୁତିକୁ ତେଜିୟାନ କର । ଏମିତି ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଜନିତ ବର୍ଷା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ସମୀକ୍ଷା କରିଥିଲେ । ବୈଠକରେ ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ ମୁଖ୍ୟମନ୍ତ୍ରୀଙ୍କୁ ଅବପାତ, ସମ୍ଭାବ୍ୟ ବର୍ଷା ଓ ଏହାର ମୁକାବିଲା ପାଇଁ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସମସ୍ତ ପ୍ରାକୃତିକ ବିପର୍ଯ୍ୟୟରେ ଆମର ଏକମାତ୍ର ନୀତି ହେଉଛି-'ଜିରୋ କାଜୁଆଲ୍‌ଟି' । ତେଣୁ, ରାଜ୍ୟ ସରକାରଙ୍କ ସମସ୍ତ ସମ୍ପୃକ୍ତ ବିଭାଗ ଜିଲ୍ଲା ପ୍ରଶାସନ ସହିତ ସମନ୍ୱୟ ରକ୍ଷାକରି ଏହି ପରିସ୍ଥିତିର ମୁକାବିଲା କରିବା ଆବଶ୍ୟକ । ଲୋକଙ୍କ ଧନଜୀବନ ସୁରକ୍ଷା ଉପରେ ସେ ସର୍ବାଧିକ ଗୁରୁତ୍ୱାରୋପ କରିଥିଲେ । ଜଳବନ୍ଦୀ କ୍ଷେତ୍ରରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ଏବଂ ସେମାନଙ୍କୁ ଉପଯୁକ୍ତ ରିଲିଫ ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଯଦିଓ ବାତ୍ୟାର ସମ୍ଭାବନା ନାହିଁ, ତଥାପି ସମସ୍ତ ପ୍ରକାର ସତର୍କତାମୂଳକ ବ୍ୟବସ୍ଥା ସହ ସର୍ବୋଚ୍ଚ ସ୍ତରର ପ୍ରସ୍ତୁତି ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏହି ଗଭୀର ଅବପାତ ଯୋଗୁ ଆଜି ଏବଂ ଆସନ୍ତା କାଲି ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି ଓ ୨୫ ତାରିଖ ପରେ ପରିସ୍ଥିତିରେ ସୁଧାର ଆସିବ ବୋଲି ଆଶା କରାଯାଉଛି । ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ମୋଟ ୩୩ଟି ଓଡ୍ରାଫ୍ ଟିମ୍ ମୁତୟନ କରାଯାଇଛି । ଗଞ୍ଜାମରେ ୬, ଗଜପତିରେ ୩, କୋରାପୁଟରେ ୬, ମାଲକାନଗିରିରେ ୩, ରାୟଗଡ଼ାରେ ୩, କଳାହାଣ୍ଡିରେ ୨ ଏବଂ ବଲାଙ୍ଗିରରେ ୧ଟି ଟିମ୍ ମୁତୟନ ହୋଇଛି । ଏହା ବ୍ୟତୀତ ଗଞ୍ଜାମର ଛତ୍ରପୁରସ୍ଥିତ ଓଡ୍ରାଫ୍ ୟୁନିଟ୍‌ର ୯ଟି ଟିମ୍ ରିଜର୍ଭ ରଖାଯାଇଛି । ଉପକୂଳରେ ସମୁଦ୍ର ଅଶାନ୍ତ ରହିବା ସମ୍ଭାବନା ଥିବାରୁ ସମସ୍ତ ବନ୍ଦରରେ ସ୍ଥାନୀୟ ସତର୍କ ସଙ୍କେତ ସଂଖ୍ୟା-୩ ଉତ୍ତୋଳନ କରାଯାଇଛି ଏବଂ ସମୁଦ୍ରକୁ ମତ୍ସ୍ୟଜୀବୀଙ୍କ ପ୍ରବେଶ ଉପରେ ନିଷେଧ ଜାରି ରହିଛି ।ପ୍ରଭାବିତ ହେବାକୁ ଥିବା ଅଞ୍ଚଳ ଗୁଡିକ ଯଥା- ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ କଳାହାଣ୍ଡିକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଥିବା ବେଳେ, ନୂଆପଡ଼ା, ବଲାଙ୍ଗିର, କନ୍ଧମାଳ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ରେ ଜିଲ୍ଲା ପ୍ରଶାସନ ତଥା ରାଜସ୍ୱ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି । ଏହି ଗଭୀର ଅବପାତ ପଶ୍ଚିମ-ଉତରପଶ୍ଚିମ ଦିଗକୁ ଗତି କରି ଆଜି ରାତି ସୁଦ୍ଧା ବିଶାଖାପାଟଣା ଓ ଗୋପାଳପୁର ମଧ୍ୟରେ, କଳିଙ୍ଗପଟ୍ଟଣମ ନିକଟରେ ଉତର ଆନ୍ଧ୍ରପ୍ରଦେଶ–ଦକ୍ଷିଣ ଓଡ଼ିଶା ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି ।


ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rourkela,

Mob:9692048008

Email: utkalsamachar@gmail.com


## ଆୟୁଷ୍ମାନ ଭାରତକୁ ଆଠ ବର୍ଷ : ଗରିବଙ୍କ ପାଇଁ ବରଦାନ ପାଲଟିଛି ବୋଲି କହିଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୨୩/୯: ବୁଧବାର ଦିନ ଆୟୁଷ୍ମାନ ଭାରତ ଯୋଜନା ଆଠ ବର୍ଷ ପୂରଣ କରିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଏହା ଦେଶର ୬୦ କୋଟିରୁ ଅଧିକ ଲୋକଙ୍କୁ ୫ ଲକ୍ଷ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ କଭରେଜ୍ ପ୍ରଦାନ କରୁଛି । ଏହା ବିଶ୍ୱର ସର୍ବବୃହତ ସ୍ୱାସ୍ଥ୍ୟସେବା ଯୋଜନା ପାଲଟିଛି । ଆୟୁଷ୍ମାନ ଭାରତର ସମସ୍ତ ହିତାଧିକାରୀଙ୍କୁ ଶୁଭେଚ୍ଛା ଜଣାଇ ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ଲେଖିଛନ୍ତି, ଆଠ ବର୍ଷ ପୂର୍ବେ ପ୍ରତ୍ୟେକ ଭାରତୀୟଙ୍କୁ ଗୁଣାତ୍ମକ ଏବଂ ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଇବା ଦୃଷ୍ଟିକୋଣ ସହିତ ଆୟୁଷ୍ମାନ ଭାରତ ଆରମ୍ଭ କରାଯାଇଥିଲା । ଏହା ଚିକିତ୍ସା ଖର୍ଚ୍ଚରେ ରେକର୍ଡ ସଞ୍ଚୟ କରିପାରିଛି, ଯାହା ଗରିବ ଏବଂ ମଧ୍ୟବିତ୍ତ ବର୍ଗଙ୍କୁ ଲାଭ ଦେଇଛି । ସ୍ୱାସ୍ଥ୍ୟସେବା ପ୍ରତ୍ୟେକ ଘର ନିକଟରେ ପହଞ୍ଚିବାରେ ଲାଗିଛି । ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଏପର୍ଯ୍ୟନ୍ତ ୫୦୦ କୋଟିରୁ ଅଧିକ ପରିଦର୍ଶନ ରେକର୍ଡ କରାଯାଇଛି । ଏହା ତୃଣମୂଳ ସ୍ତରରେ ପ୍ରାଥମିକ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରୁଛି ।କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା କହିଛନ୍ତି, ଆଠ ବର୍ଷ ପୂର୍ବେ ପ୍ରଧାନମନ୍ତ୍ରୀଙ୍କ ସେବା କରିବାର ପ୍ରତିଶ୍ରୁତି ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ସ୍ୱାସ୍ଥ୍ୟସେବାର ସୁବିଧାକୁ ପରିବର୍ତ୍ତନ କରିଛି । ସାରା ଦେଶରେ ୩୯ ହଜାରରୁ ଅଧିକ ତାଲିକାଭୁକ୍ତ ସରକାରୀ ଏବଂ ବେସରକାରୀ ହସ୍ପିଟାଲ ମାଧ୍ୟମରେ ୨ ଲକ୍ଷ କୋଟିରୁ ଅଧିକ ମୂଲ୍ୟର ହସ୍ପିଟାଲ ଖର୍ଚ୍ଚରେ ଚିକିତ୍ସା କରାଯାଇଛି । ୧୩ କୋଟିରୁ ଅଧିକ ଲୋକ ଚିକିତ୍ସାରୁ ଉପକୃତ ହୋଇଛନ୍ତି । କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଆୟୁଷ୍ମାନ ଭାରତ ଯୋଜନା ଦେଶର ଲକ୍ଷ ଲକ୍ଷ ପରିବାର ପାଇଁ ଉନ୍ନତ ଚିକିତ୍ସା ଏବଂ ସ୍ୱାସ୍ଥ୍ୟସେବାକୁ ସହଜ କରିଛି । ଗରିବ ଏବଂ ଅସହାୟ ପରିବାର ପାଇଁ ଏହି ଯୋଜନା ଚିକିତ୍ସା ଖର୍ଚ୍ଚର ଚିନ୍ତାକୁ ହ୍ରାସ କରିଛି ଏବଂ ଏକ ସୁସ୍ଥ ତଥା ସୁରକ୍ଷିତ ଜୀବନ ପାଇଁ ଏକ ସହାୟକ ପାଲଟିଛି ।

## ବଙ୍ଗୋପସାଗରରେ ଗଭୀର ଅବପାତ



### ଗୋପାଳପୁରଠାରୁ ୧୫୦ କିମି ଦୂରରେ କେନ୍ଦ୍ରୀଭୂତ

ଭୁବନେଶ୍ୱର,୨୩/୯(ନି/ପ୍ର): ବଙ୍ଗୋପସାଗରରେ ସୃଷ୍ଟି ହୋଇସାରିଛି ଗଭୀର ଅବପାତ । ଗୋପାଳପୁରଠାରୁ ଏହା ୧୫୦ କିମି ଦୂରରେ କେନ୍ଦ୍ରୀଭୂତ ହୋଇଛି । ଭୟଙ୍କର ରୂପ ନେଇ ଏହା ସ୍ଥଳଭାଗ ଆଡ଼େ ମାଡ଼ି ଆସୁଛି । ବଙ୍ଗୋପସାଗରରେ ପଶ୍ଚିମକୁ ଗତି କରି ଉପକୂଳ ମୁହାଁ ଗଭୀର ଅବପାତ । ଗତ ୬ ଘଣ୍ଟା ଧରି ୫ କିମି ବେଗରେ ଗତି କରୁଛି ଗଭୀର ଅବପାତ । କଳିଙ୍ଗପାଟନମରୁ ୬୦ କିମି, ବିଶାଖାପାଟଣାରୁ ୧୪୦ କିମି ଦୂରରେ ରହିଛି । ଗୋପାଳପୁରର ଦକ୍ଷିଣରେ ୧୫୦ କିମି ଦୂରରେ କେନ୍ଦ୍ରୀଭୂତ ହୋଇଛି । ଏହା ପଶ୍ଚିମ ଉତ୍ତର-ପଶ୍ଚିମ ଦିଗକୁ ମୁହାଁଇବା ସମ୍ଭାବନା ରହିଛି । ଏହାସହ ରାତି ସୁଦ୍ଧା ଉତ୍ତର ଆନ୍ଧ୍ର-ଦକ୍ଷିଣ ଓଡ଼ିଶା ଉପକୂଳ ଅତିକ୍ରମ ସମ୍ଭାବନା ରହିଛି । କଳିଙ୍ଗପାଟନମ ନିକଟ ହୋଇ ଗଭୀର ଅବପାତ ଅତିକ୍ରମ କରିବ । ଏପଟେ ବର୍ଷା-ପବନରେ ବେହାଲ ଗଞ୍ଜାମ । ଯାତାୟତ ଠପ୍ ହୋଇଯାଇଥିବା ବେଳେ ବାତ୍ୟା ଆଶ୍ରୟସ୍ଥଳୀକୁ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି । ଲଗାଣ ବର୍ଷାରେ ପାହାଡ଼ରୁ ମାଡ଼ିଆସୁଛି କାଦୁଅ ମିଶା ପାଣି । ତପ୍ତପାଣି ରାସ୍ତାରେ ବିପଦପୂର୍ଣ୍ଣ ହୋଇପଡ଼ିଛି ଯାତାୟାତ । ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକରେ ଗତ ଦୁଇ ଦିନ ହେବ ଲଗାଣ ବର୍ଷା ଲାଗି ରହିଛି । ସେହିପରି ପ୍ରବଳ ବର୍ଷାରେ ବ୍ରହ୍ମପୁର ସହର ମଧ୍ୟ ବେହାଲ । ବିଭିନ୍ନ ସାହିର ଘର ଭିତରେ ପାଣି ପଶିଛି । ଅନ୍ୟପଟେ ଫୁଲିଲା ଚିଲିକା, ବଢ଼ିଲା ଭୟ । ଚିଲିକା ଟାପୁରେ ଜଳବନ୍ଦୀ ସମସ୍ୟାର ଆକାଶ ମାର୍ଗରୁ ଡ୍ରୋନ୍ ଭିଜୁଆଲ ସାମ୍ନାକୁ ଆସିଛି । ଗଭୀର ଅବପାତ ପ୍ରଭାବରେ ପ୍ରବଳ ବର୍ଷା କାରଣରୁ ଚିଲିକା ଟାପୁର ପାଖାପାଖି ୧୪ଟି ପଞ୍ଚାୟତର ୧୦୦ଟି ଗାଁ ଏବେ ଜଳ ବନ୍ଦୀର ସମ୍ମୁଖୀନ ହେବା ନେଇ ଆଶଙ୍କା କରାଯାଉଛି ।

## ଏମଏମଡ଼ିଆରକୁ ନେଇ ବର୍ଷିଲେ ବିଜେଡି ନେତ୍ରୀ ସୁଜାତା ରାଉତ

### ବିଲ୍ ସଂଶୋଧନ ନହେଲେ ବଡ଼ ରାଜସ୍ୱ ହରାଇବ ଓଡ଼ିଶା



ଭୁବନେଶ୍ୱର, ୨୩/୯(ନି/ପ୍ର):ଏମଏମଡ଼ିଆରକୁ ନେଇ ବର୍ଷିଲେ ବିଜେଡି ନେତ୍ରୀ ସୁଜାତା ରାଉତ । ସେ କହିଛନ୍ତି ଯେ, ସୁପ୍ରିମ୍ କୋର୍ଟ ରାୟ ଦେଇଥିଲେ ଯେ ରାଜ୍ୟଗୁଡ଼ିକର ନିଜ ଅଞ୍ଚଳରେ ଥିବା ଖଣିଜ ସମ୍ପଦ ଏବଂ ଖଣିଜ ଜମି ଉପରେ ଟିକସ ଲଗାଇବାର ସମ୍ପୂର୍ଣ୍ଣ ସାମ୍ବିଧାନିକ ଅଧିକାର ରହିଛି । ଏହି ରାୟ ବଳରେ ଓଡ଼ିଶା ଭଳି ଖଣିଜ ପ୍ରଚୁର ରାଜ୍ୟ ସରକାର ହଜାର ହଜାର କୋଟି ଟଙ୍କାର ରାଜସ୍ୱ ପାଇବାର ସୁଯୋଗ ସୃଷ୍ଟି ହୋଇଥିଲା । ଏହି ଅର୍ଥ ରାଜ୍ୟର ବିକାଶ, ସ୍ୱାସ୍ଥ୍ୟ, ଶିକ୍ଷା ଓ ଅନ୍ତରୀଣ ଭିତ୍ତିଭୂମି ନିର୍ମାଣରେ ବ୍ୟବହାର ହୋଇପାରିଥାନ୍ତା ।ହେଲେ ଏମଏମଡ଼ିଆର ସଂଶୋଧନ ବିଲ୍ ଅନୁଯାୟୀ, ରାଜ୍ୟଗୁଡ଼ିକ ଖଣିଜ ସମ୍ପଦ ଓ ଖଣିଜ ଜମି ଉପରେ ନିଜସ୍ୱ କର କ୍ଷମତାକୁ ସଙ୍କୁଚିତ କରାଯାଇଛି । ତେବେ ବିଲ୍ ପାରିତ ହେବା ସମୟରେ ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ ଆବଶ୍ୟକୀୟ ଆଲୋଚନା ନହେବା ଏବଂ ସାଂସଦମାନଙ୍କ ସମର୍ଥନକୁ ନେଇ ସୁଜାତା ପ୍ରଶ୍ନ ଉଠାଯାଇଛନ୍ତି । ଖଣି ଖନନ ଯୋଗୁଁ ଓଡ଼ିଶା ପରିବେଶ ପ୍ରଦୂଷଣ, ପ୍ରସ୍ଥାପନ ଏବଂ ଜଙ୍ଗଲ କ୍ଷୟର ସାମ୍ନା କରୁଛି । ଯଦି କର ଲଗାଇବାର ଅଧିକାର ଛଡ଼ାଇ ନିଆଯାଏ, ତେବେ ରାଜ୍ୟ ବଡ଼ ଧରଣର କ୍ଷତି ସହିବ । ଗଗଉଜ ସଂଶୋଧନ ବିଲ୍ ଯୋଗୁଁ ଓଡ଼ିଶା ନିଜର ବୈଧ ରାଜସ୍ୱରୁ ବଞ୍ଚିତ ହେବାକୁ ବସିଛି । ତେଣୁ ଏହି ବିଲ୍‌କୁ ବିରୋଧ କରିବା ସହ ରାଜ୍ୟର ହକ୍ ଓ ସଂଘୀୟ ଢାଞ୍ଚାର ସୁରକ୍ଷା ପାଇଁ ସୁଜାତା ଦାବି କରିଛନ୍ତି ।

### ଲଗାଣ ବର୍ଷାରେ ବେହାଲ ଗଞ୍ଜାମ

ବ୍ରହ୍ମପୁର,୨୩/୯: ଲଗାଣ ବର୍ଷାରେ ବେହାଲ ଗଞ୍ଜାମ ସ୍ଥିତି । ଲୋକଙ୍କ ଘରେ ପାଣି ପଶିବା ସହ ହଜାର ହଜାର କୁକୁଡ଼ା ଭାସି ଯାଇଛନ୍ତି । ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତର ପ୍ରଭାବରେ ଆଜି ବ୍ରହ୍ମପୁର ସହର ସମେତ ସମଗ୍ର ଗଞ୍ଜାମ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିଛି । ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ତଳିଆ ଅଞ୍ଚଳରେ ରାସ୍ତାଘାଟ ଜଳମଗ୍ନ ହୋଇପଡ଼ିଛି ।

## ରାଜ୍ୟସଭା ନିର୍ବାଚନ :

### ଅକ୍ଟୋବର ୧୬ରେ ୟୁପି, ଉତରାଖଣ୍ଡ ଓ ପଶ୍ଚିମବଙ୍ଗର ୧୨ ଆସନରେ ହେବ ଭୋଟ



ନୂଆଦିଲ୍ଲୀ,୨୩/୯: ଉତରପ୍ରଦେଶ, ଉତରାଖଣ୍ଡ ଓ ପଶ୍ଚିମବଙ୍ଗର ମୋଟ ୧୨ଟି ରାଜ୍ୟସଭା ଆସନ ପାଇଁ ଅକ୍ଟୋବର ୧୬ରେ ନିର୍ବାଚନ ହେବ । ଏଥିରେ ଉତ୍ତରପ୍ରଦେଶର ୧୦ଟି ଓ ଉତ୍ତରାଖଣ୍ଡର ଗୋଟିଏ ଆସନରେ ନିର୍ବାଚନ ହେବ । ପଶ୍ଚିମବଙ୍ଗର ଗୋଟିଏ ଆସନରେ ଉପନିର୍ବାଚନ ହେବ । ଭାରତୀୟ ନିର୍ବାଚନ କମିସନ ମଙ୍ଗଳବାର ଏହି କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି । ରାଜ୍ୟସଭା ନିର୍ବାଚନ ପାଇଁ ସେପ୍ଟେମ୍ବର ୨୯ରେ ବିଜ୍ଞପ୍ତି ପ୍ରକାଶ ପାଇବ । ଅକ୍ଟୋବର ୬ ନାମାଙ୍କନ ଦାଖଲର ଶେଷ ଦିନ ରହିଥିବାବେଳେ ୭ରେ ନାମାଙ୍କନପତ୍ର ଯାଞ୍ଚ ହେବ । ଅକ୍ଟୋବର ୯ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ନାମାଙ୍କନ ପ୍ରତ୍ୟାହାର କରିପାରିବେ । ଅକ୍ଟୋବର ୧୬ରେ ସକାଳ ୯ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ ହେବ ଏବଂ ସେହିଦିନ ଅପରାହ୍ଣ ୫ଟାରୁ ଭୋଟ୍ ଗଣତି ହେବ । ନଭେମ୍ବରରେ କାର୍ଯ୍ୟକାଳ ଶେଷ ହେଉଥିବାରୁ ଉତ୍ତରପ୍ରଦେଶର ୧୦ଟି ଆସନ ଖାଲି ହେବ । ଏହି ଆସନଗୁଡ଼ିକର ସଦସ୍ୟ ହେଲେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀ, ଅରୁଣ ସିଂହ, ବ୍ରିଜଲାଲ, ବିଏଲ୍ ବର୍ମା, ରାମଗୋପାଳ ଯାଦବ, ନୀରଜା ଶେଖର, ଗୀତା ଓରଫ୍ ଚନ୍ଦ୍ରପ୍ରଭା, ରାମଜୀ, ସୀମା ଏବଂ ଡ. ଦିନେଶ ଶର୍ମା । ଉତ୍ତରାଖଣ୍ଡରୁ ନରେଶ ବଂଶଲଙ୍କ କାର୍ଯ୍ୟକାଳ ଶେଷ ହେବାର ଅଛି । ସେଠାରେ ଆସନ୍ତାବର୍ଷ ପ୍ରାରମ୍ଭରେ ବିଧାନସଭା ନିର୍ବାଚନ ହେବାକୁ ରହିଛି । ପଶ୍ଚିମବଙ୍ଗରେ ଟିଏମ୍‌ସି ସାଂସଦ ରୁକ୍ମିଣୀ ମଲ୍ଲିକଙ୍କ ଇସ୍ତଫା ଯୋଗୁଁ ଖାଲି ହୋଇଥିବା ଆସନରେ ଉପନିର୍ବାଚନ ହେବ । ଏହା ସହ ବିହାର, କର୍ଣ୍ଣାଟକ, ମହାରାଷ୍ଟ୍ର ଓ ଉତ୍ତରପ୍ରଦେଶର ବିଧାନ ପରିଷଦର ୨୮ଟି ଆସନ ପାଇଁ ମଧ୍ୟ ଦ୍ୱିବାର୍ଷିକ ନିର୍ବାଚନ ହେବ । ଉତ୍ତରପ୍ରଦେଶର ୧୧, ବିହାରର ୮, ମହାରାଷ୍ଟ୍ରର ୫ ଓ କର୍ଣ୍ଣାଟକର ୪ଟି ଆସନ ଏଥିରେ ରହିଛି । ଅକ୍ଟୋବର ୨୩ରେ ଭୋଟ୍ ଗ୍ରହଣ ଓ ଅକ୍ଟୋବର ୨୭ରେ ଗଣତି ହେବ ।

## ଗ୍ରିନଲ୍ୟାଣ୍ଡରେ ନିର୍ମାଣ ହେବ ଆମେରିକାର ସାମରିକ ଘାଟି :



### ପ୍ରତିରକ୍ଷା ଚୁକ୍ତିନାମାରେ ସ୍ୱାକ୍ଷର କଲେ ଟ୍ରମ୍ପ

ୱାସିଂଟନ,୨୩/୯: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଡେନମାର୍କର ପ୍ରଧାନମନ୍ତ୍ରୀ ମେଟେ ଫ୍ରେଡେରିକ୍ସେନ ଏବଂ ଗ୍ରୀନଲ୍ୟାଣ୍ଡର ଜେନ୍ସ-ଫ୍ରେଡେରିକ୍ ନିଲସେନ ଏକ ନୂତନ ପ୍ରତିରକ୍ଷା ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି । ଏହା ୧୯୫୧ ଚୁକ୍ତିନାମାକୁ ଅପଡେଟ୍ କରିବା ସହ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ଆର୍କଟିକ୍ ଅଞ୍ଚଳରେ ସୁରକ୍ଷା ସହଯୋଗକୁ ବୃଦ୍ଧି କରିବ ବୋଲି କୁହାଯାଉଛି । ଟ୍ରମ୍ପ ଏହି ଚୁକ୍ତିନାମାକୁ ଦୀର୍ଘ ପ୍ରୟାସର ପରିଣାମ ବୋଲି ବର୍ଣ୍ଣନା କରି କହିଛନ୍ତି ଯେ ଏହା ଆମେରିକା, ଡେନମାର୍କ ଏବଂ ଗ୍ରିନଲ୍ୟାଣ୍ଡ ମଧ୍ୟରେ ସମ୍ପର୍କକୁ ମଜବୁତ କରିବ । ଫ୍ରେଡେରିକ୍ସେନ ଏହି ଚୁକ୍ତିନାମାକୁ ଡେନମାର୍କର ଆମେରିକା ସହିତ ଦୀର୍ଘକାଳୀନ ସହଯୋଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି କହିଛନ୍ତି । ୭୫ ବର୍ଷ ପୂର୍ବେ ଗ୍ରିନଲ୍ୟାଣ୍ଡର ସୁରକ୍ଷା ଉପରେ ଏକ ଚୁକ୍ତିନାମା ହୋଇଥିଲା । ଏହି ନୂତନ ଚୁକ୍ତିନାମା ସୁରକ୍ଷା ଏବଂ ପ୍ରତିରୋଧକୁ ସୁଦୃଢ଼ କରିବା ସହ ଶତ୍ରୁ ଶକ୍ତିକୁ ଗ୍ରିନଲ୍ୟାଣ୍ଡରେ ପାଦ ଦେବାରୁ ରୋକିବ । ଚୁକ୍ତିନାମା ଡେନମାର୍କ ରାଜ୍ୟର କ୍ଷେତ୍ରୀୟ ଅଖଣ୍ଡତା ଏବଂ ଗ୍ରିନଲ୍ୟାଣ୍ଡର ଆତ୍ମନିର୍ଣ୍ଣୟର ଅଧିକାରକୁ ମଧ୍ୟ ସମ୍ମାନ କରେ । ନିଲସେନ କହିଛନ୍ତି, ଏହି ଚୁକ୍ତିନାମା ୧୯୫୧ ପ୍ରତିରକ୍ଷା ଚୁକ୍ତିନାମାର ଅପଡେଟ୍ । ଏହି ଚୁକ୍ତି ଗ୍ରିନଲ୍ୟାଣ୍ଡର ସିଧାସଳଖ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ସହ ତିନି ସହଭାଗୀ ପକ୍ଷଙ୍କ ମିଳିତ ଦାୟିତ୍ୱ, ପାରସ୍ପରିକ ସମ୍ମାନ ଏବଂ ଆର୍କଟିକରେ ଶାନ୍ତି ବଜାୟ ରଖିବାର ଲକ୍ଷ୍ୟ ଉପରେ ଆଧାରିତ । ଦ୍ୱିତୀୟ ବିଶ୍ୱଯୁଦ୍ଧ ଏବଂ ଶୀତଳ ଯୁଦ୍ଧ ସମୟରେ ଗ୍ରିନଲ୍ୟାଣ୍ଡ ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଭୂମିକା ଗ୍ରହଣ କରି ଆମେରିକାର ଘରୋଇ ସୁରକ୍ଷାକୁ ସମର୍ଥନ କରିଆସୁଛି । ସେ ଆର୍କଟିକରେ ସୁରକ୍ଷା ପାଇଁ ବଢ଼ୁଥିବା ପ୍ରତିଯୋଗିତା ମଧ୍ୟରେ ନାଟୋ ଏବଂ ପଶ୍ଚିମ ମେଣ୍ଟ ପ୍ରତି ଗ୍ରୀନଲ୍ୟାଣ୍ଡର ପ୍ରତିବଦ୍ଧତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି । ୧୯୫୧ ମସିହାରେ ୱାଶିଂଟନ ଏବଂ କୋପେନହେଗେନ ମଧ୍ୟରେ ହୋଇଥିବା ପ୍ରତିରକ୍ଷା ଚୁକ୍ତିନାମା ଗ୍ରିନଲ୍ୟାଣ୍ଡରେ ଆମେରିକାର ସାମରିକ ଉପସ୍ଥିତି ପାଇଁ ମୂଳଦୁଆ ପକାଇଥିଲା । ୨୦୦୪ ମସିହାରେ ଆମେରିକା, ଡେନମାର୍କ ଏବଂ ଗ୍ରୀନଲ୍ୟାଣ୍ଡ ମଧ୍ୟରେ ଏକ ଚୁକ୍ତିନାମା ଦ୍ୱାରା ଏହାକୁ ସଂଶୋଧନ କରାଯାଇଥିଲା ।

## ୟୁକ୍ରେନ ଯୁଦ୍ଧ ସମାପ୍ତ କରିବା ପାଇଁ ଟ୍ରମ୍ପଙ୍କୁ ଅନୁରୋଧ କଲେ ଜେଲେନସ୍କି



ନ୍ୟୁୟର୍କ,୨୩/୯: ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ରୁଷ ସହିତ ଏକ ଶକ୍ତି ଅସ୍ତ୍ରବିରତି ପ୍ରସ୍ତାବ ଦେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହିତ ଏକ ତ୍ରିପାକ୍ଷିକ ବୈଠକ ଆୟୋଜନ କରିବାକୁ ଅନୁରୋଧ କରିଛନ୍ତି । ଯୁଦ୍ଧକୁ ରୋକିବା ପାଇଁ ସମ୍ବେଦନଶୀଳ ପ୍ରସଙ୍ଗ ଗୁଡ଼ିକର ସମାଧାନ କରିବା ପାଇଁ ସେ କହିଛନ୍ତି । ନ୍ୟୁୟର୍କରେ ଜାତିସଂଘ ସାଧାରଣ ପରିଷଦ ଅଧିବେଶନରେ ଯୋଗଦେବାକୁ ଆସି ଟ୍ରମ୍ପଙ୍କୁ ଭେଟିବା ପରେ ଜେଲେନସ୍କି ଏହି ମନ୍ତବ୍ୟ ଦେଇଛନ୍ତି । ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ ସେ କହିଛନ୍ତି ଯେ, ଯୁଦ୍ଧ ଶେଷ କରିବା ପ୍ରାଥମିକତା । ୟୁକ୍ରେନ ଏନେଇ ପ୍ରସ୍ତୁତ । ଜେଲେନସ୍କି କହିଛନ୍ତି, ୟୁକ୍ରେନ ଏକ 'ଶକ୍ତି ଅସ୍ତ୍ରବିରତି' ପାଇଁ ପ୍ରସ୍ତୁତ । ଏହା ଅନ୍ତର୍ଗତ ରୁଷ ୟୁକ୍ରେନର ଶକ୍ତି ଭିତିଭୂମି ଉପରେ ଆକ୍ରମଣ କରିବାରୁ ନିବୃତ ରହିବ । ଯଦି ସେମାନେ ଆମର ଶକ୍ତି ବ୍ୟବସ୍ଥା, ଆମର ବିଦ୍ୟୁତ୍, ଗରମ ଏବଂ ଜଳ ଯୋଗାଣ ଉପରେ ଆକ୍ରମଣ ନ କରନ୍ତି, ତେବେ ଆମେ ଶକ୍ତି ଅସ୍ତ୍ରବିରତି ପାଇଁ ପ୍ରସ୍ତୁତ । ଆମେରିକୀୟ ପକ୍ଷ ଏହି ପ୍ରସ୍ତାବକୁ ରୁଷକୁ ଜଣାଇବେ । ତେବେ ଏହି ପ୍ରସ୍ତାବ ଉପରେ ମସ୍କୋର ସ୍ଥିତି କ'ଣ ରହିଛି ତାହା ସେ ଜାଣି ନଥିବା କହିଛନ୍ତି । ତେବେ ଯେକୌଣସି ଅନ୍ତିମ ସମାଧାନ ଭାବରେ ୟୁକ୍ରେନକୁ ସୁରକ୍ଷା ଗ୍ୟାରେଣ୍ଟି ଆବଶ୍ୟକ ବୋଲି ସେ କହିଛନ୍ତି । ୟୁକ୍ରେନୀୟ ରାଷ୍ଟ୍ରପତି ଆଗାମୀ ଶୀତ ଋତୁ ପାଇଁ ପ୍ରସ୍ତୁତି ଉପରେ ମଧ୍ୟ ଗୁରୁତ୍ୱାରୋପ କରି କହିଛନ୍ତି ଯେ, ଏହି ସମୟ କଷ୍ଟକର ହେବ । ତେଣୁ ଶୀତ ଋତୁ ପୂର୍ବରୁ ଆଲୋଚନା ପାଇଁ ପଦକ୍ଷେପ ନିଆଯିବା ଉଚିତ୍ । ୟୁକ୍ରେନ ଶୀତ ଋତୁ ପୂର୍ବରୁ ଆମେରିକାକୁ ଦୁଇଟି ଜିନିଷ ମାଗିଥିଲା । ସେଥିମଧ୍ୟରେ ପାଟ୍ରିଅଟ୍ କ୍ଷେପଣାସ୍ତ୍ରର ଏକ ପ୍ୟାକେଜ୍ ଏବଂ ପାଟ୍ରିଅଟ୍ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଉତ୍ପାଦନ ପାଇଁ ଲାଇସେନ୍ସ ରହିଛି । ୟୁକ୍ରେନ, ରୁଷ ଏବଂ ଆମେରିକାର ନେତାମାନଙ୍କୁ ନେଇ ଏକ ବୈଠକ ଆୟୋଜନ କରିବା ଟ୍ରମ୍ପଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମ୍ଭାବ୍ୟ ପଦକ୍ଷେପ ହେବ । ମୁଁ ଭାବୁଛି ରାଷ୍ଟ୍ରପତି ଟ୍ରମ୍ପ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇପାରିବେ । ସେ ଏକ ବେ କରିପାରିବେ । ସେ ପୁଟିନଙ୍କ ଉପରେ ଚୀନ୍‌ର ପ୍ରଭାବକୁ ଇଙ୍ଗିତ କରି ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ଯୋଗାଯୋଗ କରିବାକୁ ଟ୍ରମ୍ପଙ୍କୁ ଅନୁରୋଧ କରିଛନ୍ତି । ଯାହାଦ୍ୱାରା ରୁଷ ଉପରେ ଚାପ ପକାଯାଇ ପାରିବ ବୋଲି ଆଶାବ୍ୟକ୍ତ କରିଛନ୍ତି ।


କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

# କେନ୍ଦୁଝରରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ



କେନ୍ଦୁଝର,୨୩/୯(ନି/ପ୍ର): କେନ୍ଦୁଝର ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ବିଶାଲ ସିଂହ ଆଜି ମିନି କନ୍‌ଫରେନ୍ସ ହଲ୍ ?ରେ ଜିଲ୍ଲାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ର ସଫଳ ସମାପ୍ତି ସମ୍ପର୍କରେ ସୂଚନା ଦେଇଛନ୍ତି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଶ୍ରୀ ସିଂହ ଜଣାଇଛନ୍ତି ଯେ, ସମସ୍ତ ଯୋଗ୍ୟ ଭୋଟରଙ୍କୁ ସାମିଲ କରିବା ଏବଂ ଅଯୋଗ୍ୟ ଭୋଟରଙ୍କୁ ବାଦ୍ ଦେବା ସହ ସମଗ୍ର ପ୍ରକ୍ରିୟାରେ ସ୍ୱଚ୍ଛତା ବଜାୟ ରଖିବା ଉଦ୍ଦେଶ୍ୟରେ ଏହି ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ଗଣନା ପର୍ଯ୍ୟାୟ ୩୦ ମେ' ରୁ ୨୮ ଜୁନ୍ ୨୦୨୬ ପର୍ଯ୍ୟନ୍ତ ପରିଚାଳିତ ହୋଇଥିଲା, ଯେଉଁଥିରେ ଜିଲ୍ଲାସାରା ଭୋଟରମାନଙ୍କୁ ଗଣନା ଫର୍ମ ବଣ୍ଟନ କରାଯାଇଥିଲା । ସମୁଦାୟ ୧୩,୦୮,୭୬୨ ଟି ଗଣନା ଫର୍ମ (୯୫.୩୧%) ଡିଜିଟାଇଜ୍ କରାଯାଇଛି । ସଂଶୋଧନ ପ୍ରକ୍ରିୟା ସମୟରେ ୬୪,୩୭୫ ଜଣ ଅସଂଗୃହୀତ/ଅପ୍ରାପ୍ୟ ଭୋଟର (୪.୬୯%) ଚିହ୍ନଟ ହୋଇଛନ୍ତି; ଯେଉଁଥିରେ ୩୧,୨୦୦ ଜଣ ମୃତ ଭୋଟର, ୨୭,୮୮୭ ଜଣ ସ୍ଥାୟୀ ଭାବେ ସ୍ଥାନାନ୍ତରିତ/ଅନୁପସ୍ଥିତ/ଅନ୍ୟାନ୍ୟ ଏବଂ ୫,୨୮ ଜଣ ଭୋଟର ଅନ୍ୟ ସ୍ଥାନରେ ପଞ୍ଜୀକୃତ ଅଛନ୍ତି । ଏହି ପ୍ରକ୍ରିୟାରେ ସମୁଦାୟ ୩,୮୭୮ ଜଣ ବୁଥ୍ ସ୍ତରୀୟ ଏଜେଂଟ ଅଂଶଗ୍ରହଣ କରିଥିଲେ । ଦାବି ଓ ଆପତ୍ତି ଅବଧି ଏବଂ ପରବର୍ତ୍ତୀ ଶୁଣାଣି ଓ ଯାଂଚ ପ୍ରକ୍ରିୟା ପରେ, ଯୁକ୍ତିସଙ୍ଗତ/ସମୀକରଣ କରାଯାଇଥିବା ସମସ୍ତ ୧,୯୧୫ ଟି ବୁଥ୍ ପାଇଁ ଆଜି, ୨୧ ସେପ୍ଟେମ୍ବର ୨୦୨୬ ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି । ଫର୍ମ-୬ ମାଧ୍ୟମରେ ୧୨,୪୨୨ ଟି ନୂତନ ନାମ ସାମିଲ ଏବଂ ଫର୍ମ-୭ ମାଧ୍ୟମରେ ୧,୫୨୨ ଟି ନାମ ବାଦ୍ ଦିଆଯିବା ପରେ ଜିଲ୍ଲାର ଚୂଡ଼ାନ୍ତ ଭୋଟର ତାଲିକାରେ ୧୩,୧୯,୧୭୬ ଜଣ ଭୋଟର ରହିଛନ୍ତି । ସେହିପରି ପୁରୁଷ ଭୋଟର ୬,୫୯,୮୮୯ (୫୦.୦୨%), ମହିଳା ଭୋଟର: ୬,୫୯,୨୧୫ (୪୯.୯୭%), ତୃତୀୟ ଲିଙ୍ଗ: ୭୨ (୦.୦୧%)ମୋଟ ଭୋଟର: ୧୩,୧୯,୧୭୬,ଲିଙ୍ଗାନୁପାତ: ୯୯୯,ବରିଷ୍ଠ ନାଗରିକ ଭୋଟର: ୬,୭୯୨ (୦.୫୧%),ଯୁବ ଭୋଟର: ୧୬,୫୬୪ (୧.୨୬%),ଭିନ୍ନକ୍ଷମ ଭୋଟର: ୧୧,୯୯୬ (୦.୯୧%) ,ବିଧାନସଭା ନିର୍ବାଚନ ମଣ୍ଡଳୀ ଅନୁଯାୟୀ ଚୂଡ଼ାନ୍ତ ଭୋଟର ସଂଖ୍ୟା ହେଉଛି:ତେଲକୋଇ: ୨,୨୮,୦୪୮,ଘସିପୁରା:୨,୨୦,୬୧୫,ଆନନ୍ଦପୁର: ୨,୨୫,୨୨୫,ପାଟଣା:୨,୦୨,୫୦୯, କେନ୍ଦୁଝର:୨,୧୮,୮୩୭,ଚମ୍ପୁଆ: ୨,୨୩,୯୪୨,ଜିଲ୍ଲା ନିର୍ବାଚନ ଅଧିକାରୀ ବିଶାଲ ସିଂହ ଏସ୍.ଆଇ.ଆର ପ୍ରକ୍ରିୟାରେ ସହଯୋଗ, ଅଂଶଗ୍ରହଣ ଏବଂ ସମର୍ଥନ ପାଇଁ କେନ୍ଦୁଝରବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ଭୋଟର, ବି.ଏଲ୍.ଓ., ବି.ଏଲ୍.ଏ., ନିର୍ବାଚନ ଅଧିକାରୀ ଏବଂ ସମସ୍ତ ଅଂଶୀଦାରଙ୍କ ମିଳିତ ପ୍ରୟାସ ଯୋଗୁଁ ଏହି କାର୍ଯ୍ୟ ସଫଳତାର ସହ ସମ୍ପନ୍ନ ହୋଇପାରିଛି ବୋଲି ସେ ପ୍ରକାଶ କରିଥିଲେ । ସଂଶୋଧନ ପ୍ରକ୍ରିୟା ସମ୍ପର୍କିତ ସୂଚନା ପ୍ରସାରଣ କରିବା ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ଗଣମାଧ୍ୟମ ର ସହଯୋଗ ପାଇଁ ମଧ୍ୟ ସେ ପ୍ରଶଂସା ଭୂୟସୀ ପ୍ରଶଂସା କରିଥିଲେ । ଲୋକ ପ୍ରତିନିଧିତ୍ୱ ଅଧିନିୟମ, ୧୯୫୦ ର ଧାରା ୨୪ର ପ୍ରାବଧାନ ଅନୁଯାୟୀ, ଏହି ନିଷ୍ପତ୍ତିରେ ଅସନ୍ତୁଷ୍ଟ ଯେକୌଣସି ଭୋଟର ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ପରବର୍ତ୍ତୀ କାଳରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅପିଲ୍ କରିପାରିବେ ।



ଘଟଗାଁ ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷଠାରେ ସେବାସେତୁ ଅଭିଯାନ କାର୍ଯ୍ୟକ୍ରମ

# ନାଗପଡ଼ା ପଚାଂୟତେର ପ୍ରବାସୀ ଶ୍ରମିକ ସେଚତନତା ଶିବିର

ନୂଆପଡ଼ା,୨୩/୯(ନି/ପ୍ର): ବୋେଡ଼ନ ବ୍ଲକ ଅନ୍ତଗର୍ତ ନାଗପଡ଼ା ଗ୍ରାମ ପଂଚାୟତେର ଗ୍ରାମ ପଂଚାୟତସ୍ତରୀୟ ପ୍ରବାସୀ ଶ୍ରମିକ ସେଚତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱେର ଅାୋୟାଜିତ ଏହି ଶିବିରେର ସ୍ଥାନୀୟ ଅଂଚେଳର ଉପଲବ୍ଧ ରୋଜଗାର ଓ ଜୀବିକା ସୁେଯାଗର ସଦୁେପଯାଗ କରି ପ୍ରବାସକୁ ଏଡ଼ାଇବା ପାଇଁ ଗ୍ରାମବାସୀଙ୍କୁ ସେଚତନ କରାଯାଇଥିଲା । ଏହି ଅବସରେର ମୁଖ୍ୟ ଉନ୍ନୟନ ଅଧିକାରୀ ଲେମ୍ବାଦର ଧରୁଆ, ଉପଜିଲ୍ଲାପାଳ ସୁର୍ମା ସେୋରନ, ବନଖଣ୍ଡ ଅଧିକାରୀ, ପ୍ରାନ୍ତୀୟ ଆଜିଜ ଖାଁ, ବୋେଡ଼ନ ବିଡିଓ ଚିନ୍ମୟ ସାଗର, ତହସିଲଦାର ସରିତା ଗୁପ୍ତା, ସ୍ଥାନୀୟ ସରପଂଚ ଗମ୍ଭୀର ତାଣ୍ଡିଙ୍କ ସେମତ ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିେଲ । ଶିବିରେର ବିଭିନ୍ନ ବିଭାଗର ଅଧିକାରୀମାେନ ଶ୍ରମିକ, କୃଷକ, ମହିଳା ଓ ସାଧାରଣ ଲୋକଙ୍କୁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ, କମର୍ନିଯୁକ୍ତିମୂଳକ ଓ ଜୀବିକାଭିତିକ ଯୋଜନା ସମ୍ପକର୍େ ସୂଚନା ଦେଇଥିେଲ । ଜିଲ୍ଲାପାଳ ଶ୍ରୀ ଦାଶ ନିଜ ଉେଦ୍ବାଧେନର ଭିବି-ଜି ରାମ-ଜି ସେମତ ବିଭିନ୍ନ ସରକାରୀ ଯୋଜନେର କାର୍ଯ୍ୟ କରି ନିଜ ଗାଁେର ରହି ରୋଜଗାର ସୁେଯାଗର ଲାଭ ନେବାକୁ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିେଲ । ଏଥିସହ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ର ବ୍ୟବହାର ବନ୍ଦ କରିବା, ଶିଶୁ ଶ୍ରମକୁ ନିରୁତ୍ସାହିତ କରିବା ଏବଂ ପିଲାମାନଙ୍କୁ ନିୟମିତ ବିଦ୍ୟାଳୟକୁ ପଠାଇବା ପାଇଁ ଜିଲ୍ଲାପାଳ ଅଭିଭାବକମାନଙ୍କୁ ଆହ୍ୱାନ ଦେଇଥିେଲ ।

# ଖରିଆର ବନାଂଚଳରେ ଭିଜିଲାନ୍ସ ଚଢ଼ଉ : ଜବତ ହେଲା କଲରାପତରିଆ ବାଘଛାଲ,୧ ଗିରଫ

ନୂଆପଡ଼ା,୨୩/୯(ନି/ପ୍ର): ନୂଆପଡ଼ା ଜିଲ୍ଲା ଖରିଆର ବନଖଣ୍ଡ ଅଧୀନ ଉଦ୍ୟାନବନ୍ଧ ବନାଂଚଳରେ ଓଡ଼ିଶା ଭିଜିଲାନ୍ସର ଫରେଷ୍ଟ ଶାଖା ପକ୍ଷରୁ ଅଚାନକ ଚଢ଼ଉ କରାଯାଇ ଗୋଟିଏ କଲରାପତରିଆ ବାଘଛାଲ ଜବତ କରାଯାଇଛି । ଏହି ଘଟଣାରେ ଜଣେ ଶିକାରୀଙ୍କୁ ଘଟଣାସ୍ଥଳରୁ ଗିରଫ କରାଯାଇଛି । ନୂଆପଡା ଜିଲ୍ଲା ଖରିଆର ବନଖଣ୍ଡ ଅନ୍ତର୍ଗତ ଉଦ୍ୟାନବନ୍ଧ ବନାଂଚଳରେ ଓଡ଼ିଶା ଭିଜିଲାନ୍ସର ବନ ବିଭାଗ ପକ୍ଷରୁ ମଙ୍ଗଳବାର ଆକସ୍ମିକ ଚଢ଼ଉ କରାଯାଇ ଗୋଟିଏ ଚିତାବାଘ ଛାଲ ଜବତ କରାଯାଇଛି । ଏହି ଘଟଣାରେ କୋମନା ଥାନା ଅନ୍ତର୍ଗତ କୁମୁଣ୍ଡିମୁଣ୍ଡା ଗ୍ରାମର ଇନାୟତ ଅଲ୍ଲୀଙ୍କୁ ଗିରଫ କରାଯାଇଛି । ଭିଜିଲାନ୍ସ ସୂତ୍ରରୁ ପ୍ରକାଶ, ବିଶ୍ୱସନୀୟ ସୂଚନା ଆଧାରରେ ଉଦ୍ୟାନବନ୍ଧ ବନାଂଚଳରେ ଚଢ଼ଉ କରାଯାଇଥିଲା । ଚଢ଼ଉ ସମୟରେ ଚିତାବାଘର ଗୋଟିଏ ଛାଲ ଠାବ କରାଯାଇ ଜବତ କରାଯାଇଥିଲା । ଘଟଣାସ୍ଥଳରୁ ଇନାୟତ ଅଲ୍ଲୀଙ୍କୁ ଧରି ଗିରଫ କରାଯାଇଥିବା ଜଣାପଡିଛି । ଚିତାବାଘ ଭଳି ସୁରକ୍ଷିତ ବନ୍ୟପ୍ରାଣୀର ଶିକାର ଅଭିଯୋଗରେ ବନ୍ୟପ୍ରାଣୀ ସୁରକ୍ଷା ଆଇନ, ୧୯୭୨ର ଧାରା ୯ ଉଲ୍ଲଂଘନ ଏବଂ ଧାରା ୫୧ ଅନୁଯାୟୀ ଦଣ୍ଡନୀୟ ଅପରାଧରେ ମାମଲା ରୁଜୁ କରାଯାଇଛି । ଘଟଣାରେ ଅଧିକ ତଦନ୍ତ ଜାରି ରହିଛି । ତଦନ୍ତ ସମୟରେ ଚିତାବାଘ ଶିକାର ଓ ଛାଲ ଚାଲାଣ ସହ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ,



ସେନେଇ ମଧ୍ୟ ତଦନ୍ତ କରାଯାଉଛି । ତଦନ୍ତ ଶେଷ ହେବା ପରେ ଘଟଣା ସମ୍ପର୍କରେ ଅଧିକ ତଥ୍ୟ ସ୍ପଷ୍ଟ ହେବ ବୋଲି ଜଣାପଡିଛି ।

# ଶତାଧିକ ବର୍ଷର ଭଦ୍ରକରେ ପ୍ରସିଦ୍ଧ ଅନନ୍ତ ନାରାୟଣ ପୂଜାବ୍ରତ

ଭଦ୍ରକ,୨୩/୯(ନି/ପ୍ର):ଭଦ୍ରକ ସହର ଅନ୍ତର୍ଗତ ନରିପୁର (ଅସ୍ତଳ) ଗ୍ରାମରେ ପ୍ରତିବର୍ଷ ଅନନ୍ତ ବ୍ରତରେ ମହାପ୍ରଭୁ ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କ ପୂଜୋତ୍ସବ ଅନୁଷ୍ଠିତ ହୋଇଥାଏ । ଚଳିତ ସେପ୍ଟେମ୍ବର ମାସ ୨୫ ତାରିଖ ଶୁକ୍ରବାର ଅନନ୍ତ ବ୍ରତ ପୂଜାରେ ମହାପ୍ରଭୁ ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କ ପୂଜା ଉତ୍ସବ ଚଳିତ ବର୍ଷ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାଯାଇଛି । ଆଜକୁ ଶହବର୍ଷରୁ ଉର୍ଦ୍ଧ୍ୱ ଧରି ଏହି ବ୍ରତ ଭକ୍ତମାନଙ୍କ ଦ୍ୱାରା ନିଷ୍ଠାର ସହ ପାଳିତ ହୋଇ ଆସୁଅଛି । ଏଥିପାଇଁ ସାଳନ୍ଦୀ ଘାଟରୁ କଳସ ଆସିବା ପରେ ଘଟ ସ୍ଥାପନ କରାଯିବ । ଏହି ପୂଜା ପାଇଁ ନରିପୁର ଅସ୍ତଳ ଗ୍ରାମ ଚଳଚଂଚଳ ହେଲାଣି । ଅନନ୍ତ ନାରାୟଣଙ୍କ ପୂଜା ପାଇଁ ସମସ୍ତେ ଲାଗି ପଡ଼ିଛନ୍ତି । ଏଠାରେ ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କ ମନ୍ଦିରରେ ବିଗ୍ରହଙ୍କୁ ଦେଖିବା ଲାଗି ଓ ଏଠାରେ ବ୍ରତ ପାଳନ ପାଇଁ ଭକ୍ତଙ୍କ ଭିଡ଼ ଲାଗିଥାଏ । ପ୍ରଭୁ ଅନନ୍ତଙ୍କ ନିକଟରେ ଯିଏ ଯାହା ମନସ୍କାମନା କରେ ତାହାର ମନବାଞ୍ଛା ପୂରଣ ହୋଇଥାଏ । ଭକ୍ତିରେ ଠାକୁରଙ୍କୁ ଡାକିଲେ ଠାକୁର ତାହାର ଡାକ ଶୁଣନ୍ତି ବୋଲି ଲୋକ ପରମ୍ପରା ଓ ବିଶ୍ୱାସ ରହିଛି । ଭକ୍ତଙ୍କ ଭିଡ଼କୁ ଲକ୍ଷ୍ୟ ରଖି ଶାନ୍ତି ଶୃଙ୍ଖଳା ପାଇଁ ପୂଜାକମିଟିର କର୍ମକର୍ତ୍ତା, ପୂଜା କାର୍ଯ୍ୟର ଉଦ୍ୟୋକ୍ତାଙ୍କ ଠାରୁ ଆରମ୍ଭ କରି ପୁଲିସ ଓ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯାଏ । ବ୍ରତ ପାଳନ ପାଇଁ ସମସ୍ତେ ଏଠାରେ ଯୋଗ ଦେଇ ଠାକୁରଙ୍କ ଠାରେ ଭୋଗ ଲଗାନ୍ତି । ପ୍ରତିବର୍ଷ କଲିକତାରୁ କାରିଗରମାନେ ଆସି ମହାପ୍ରଭୁଙ୍କୁ ବିଭିନ୍ନ କିସମର ପୁଷ୍ପରେ ସଜ୍ଜିତ କରାଯାଏ । ଏଠାରେ ଭାଗବତ ପାଠ, ପ୍ରବଚନ ଭଜନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ପ୍ରତିବର୍ଷ ହୋଇଆସୁଛି । କିମ୍ବଦନ୍ତୀ ଅନୁସାରେ ଭଦ୍ରକ ସହର ନରିପୁର (ଅସ୍ତଳ) ଗ୍ରାମନିବାସୀ ସ୍ୱର୍ଗତ କ୍ଷେତ୍ରମୋହନ ନାୟକ ଓ ତାଙ୍କ ସାଙ୍ଗ ସ୍ୱର୍ଗତ ପୁରୁଷୋ ମ ପଡ଼ିଆରୀ ଦୁହେଁ ବନ୍ତ ବ୍ଲକ ଅନ୍ତର୍ଗତ ମଙ୍ଗୁଳି ଗ୍ରାମର ଏକ ତିନିଛକ ରାସ୍ତାରେ ତମ୍ବା ନାଗ, ବ୍ରତ ଆଦି ପାଇ ସ୍ୱର୍ଗତ ନାୟକ ତାଙ୍କ ଘରକୁ ଆଣିଥିଲେ । କ୍ଷେତ୍ରମୋହନ ଓ ତାଙ୍କ ପତ୍ନୀ ଜଞ୍ଜାଳି ଦେବୀ ଠାକୁରଙ୍କୁ ପୂଜାର୍ଚ୍ଚନା କରି ଆସୁଥିବା ବେଳେ ତାଙ୍କ ପୁତ୍ର ସୁରେନ୍ଦ୍ର ଓ ପୁତ୍ରବଧୂ ହରିପ୍ରିୟା ଦୈନନ୍ଦିନ ନୀତିପୂଜା କରୁଥିଲେ । ଘର ପାଖ ଚଉଁରାମୂଳରେ ସ୍ୱତନ୍ତ୍ର ଠାକୁର ଘର ନିର୍ମାଣ ଚାଲୁଥିବା ବେଳେ ୧୯୭୯ ମସିହା ଅକ୍ଷୟ ତୃତୀୟା ଦିନ ଅନନ୍ତଶଯ୍ୟା ବିଶିଷ୍ଟ ମୂର୍ତ୍ତି ପ୍ରତିଷ୍ଠା କରିବାକୁ ସ୍ୱପ୍ନାଦେଶ ପାଇ ଏହି କାର୍ଯ୍ୟ ସମ୍ପନ୍ନ କରିଥିଲେ । ତିହିଡ଼ି ଥାନା ଅଧୀନ ପାଳିଆ ନୂଆନନ୍ଦ ସାନ ହାଟୁଆରୀ ଗ୍ରାମର ମୂର୍ତ୍ତିକାରିଗର ବାବାଜୀ ପୁଷ୍ଟିଙ୍କୁ ସ୍ୱପ୍ନାଦେଶ ହେବାରୁ ସେ ବିଗ୍ରହମାନ ଗଢ଼ିଥିଲେ ବୋଲି କୁହାଯାଏ । ଏହି ପରମ୍ପରାକୁ ପାଥେୟ କରି ପାଳିତ ହେଉଥିବା ଅନନ୍ତ ନାରାୟଣଙ୍କ ପୂଜା ଦିନକୁ ଦିନ ଲୋକପ୍ରିୟତା ଅର୍ଜନ କରୁଛି ।

# ସାଙ୍ଗ ନାଁରେ ଠକେଇ; ମା'ଙ୍କ ନାଁରେ ୨ଟି ଆଇଫୋନ୍ ଫାଇନାନ୍ସ କରି ବିକିଦେଲା, ଧୂର୍ତ୍ତ ଠକ ଗିରଫ



ଭୁବନେଶ୍ୱର,୨୩।୯(ନି/ପ୍ର): ବନ୍ଧୁତା ଏକ ପବିତ୍ର ସମ୍ପର୍କ, କିନ୍ତୁ କେତେବେଳେ ଏହି ବିଶ୍ୱାସ ହିଁ ସବୁଠୁ ବଡ଼ ପ୍ରତାରଣାର କାରଣ ପାଲଟିଯାଏ । ଭୁବନେଶ୍ୱରର ମୈତ୍ରୀବିହାର ଥାନା ଅଂଚଳରୁ ସାଙ୍ଗ ଦ୍ୱାରା ଏଭଳି ଏକ ଜଘନ୍ୟ ଠକେଇ ଓ ବିଶ୍ୱାସଘାତକତାର ଚାଂଚଲ୍ୟକର ଘଟଣା ସାମ୍ନାକୁ ଆସିଛି । ଜଣେ ସାଙ୍ଗ ନିଜର ବନ୍ଧୁତା ଓ ବିଶ୍ୱାସର ସୁଯୋଗ ନେଇ ବନ୍ଧୁର ମା'ଙ୍କ ନାଁରେ ୨ଟି ମହଙ୍ଗା ଆଇଫୋନ୍ ଫାଇନାନ୍ସ କରି ନେଇଯିବା ସହ ଶେଷରେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି । ପୁଲିସ ଏହି ଧୂର୍ତ୍ତ ଠକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ୩୦ ବର୍ଷୀୟ ବିଶାଲ ଦାସ ଘର କଟକ ପୁରୀଘାଟ ଥାନା ଉପର ତେଲେଙ୍ଗା ସାହି । ଶୈଳ ପ୍ରଧାନ ଓ ତାଙ୍କ ପୁଅ ବାବୁଲ ପ୍ରଧାନ । ଉଭୟ ବାବୁଲ ଏବଂ ବିଶାଲ ଭୁବନେଶ୍ୱରରେ ଡେଲିଭରୀ ବଏ ଭାବେ କାମ କରୁଥିଲେ ଏବଂ ସେମାନଙ୍କ ଭିତରେ ବହୁତ ଭଲ ସମ୍ପର୍କ ଥିଲା ।ନିଜର ଫୋନ୍ ଖରାପ ଅଛି ବାଲୁ କହି ବିଶାଲ, ବାବୁଲଙ୍କୁ ତାଙ୍କ ମା'ଙ୍କ ବାଜାଜ୍ ଫାଇନାନ୍ସ କାର୍ଡରୁ ୮୩ ହଜାର ଟଙ୍କା ମୂଲ୍ୟର ଏକ ଆଇଫୋନ୍ କିଣିଦେବାକୁ ଅନୁରୋଧ କରିଥିଲା । ବନ୍ଧୁତାକୁ ଆଖିଆଗରେ ରଖି ବାବୁଲ ଓ ତାଙ୍କ ମା' ତାଙ୍କୁ ସମ୍ପୂର୍ଣ୍ଣ ବିଶ୍ୱାସ କରି ଫୋନ୍ କିଣି ଦେଇଥିଲେ । କିଛି ଦିନ ପରେ ବିଶାଲ ପୁଣି ଏକ ଚାଲାକି କରି ଉକ୍ତ ଲୋନ୍ ଆକାଉଣ୍ଟ ବନ୍ଦ କରିବା ବାହାନାରେ ବାବୁଲ ଓ ତାଙ୍କ ମା'ଙ୍କୁ ଏକ ଦୋକାନକୁ ଡାକିଥିଲା । ସେମାନଙ୍କ ଅଜାଣତରେ ସେହି ସମାନ ଫାଇନାନ୍ସ କାର୍ଡରୁ ପୁଣି ୮୩ ହଜାର ଟଙ୍କାର ଆଉ ଏକ ନୂଆ ଆଇଫୋନ୍ କିଣି ଚମ୍ପଟ ମାରିଥିଲା । ମାତ୍ର ଗୋଟିଏ ମାସର କିସ୍ତି ସୁଝିବା ପରେ ବିଶ୍ୱାସଘାତକ ବିଶାଲ ଆଉ କୌଣସି କିସ୍ତି ଟଙ୍କା ଦେଇ ନଥିଲା । ଶେଷରେ ଫାଇନାନ୍ସ ସଂସ୍ଥା ପକ୍ଷରୁ ବାବୁଲଙ୍କ ମା'ଙ୍କ ନିକଟକୁ ଡିଫଲ୍ଟର ନୋଟିସ ଆସିବା ପରେ ସମସ୍ତ ସତ୍ୟ ସାମ୍ନାକୁ ଆସିଥିଲା । ଯେତେବେଳେ ବାବୁଲ ଏହି ବିଷୟରେ ବିଶାଲକୁ ପଚାରିଥିଲେ, ସେତେବେଳକୁ ସେ ସେହି ଦୁଇଟିଯାକ ଆଇଫୋନକୁ ଅନଲାଇନରେ ବିକ୍ରିକରି ସେହି ଟଙ୍କାକୁ ନିଜର ଅୟସ ଆରାମରେ ଖର୍ଚ୍ଚ କରିସାରିଥିଲା । ଏହାପରେ ବାବୁଲ ଟଙ୍କା ଫେରସ୍ତ ମାଗିବାରୁ ବିଶାଲ ତାଙ୍କ ଘରେ ପଶି ଆକ୍ରମଣ କରିବା ସହ ହତ୍ୟା ଧମକ ଦେଇଥିଲା । ଏନେଇ ବାବୁଲଙ୍କ ମା' ମୈତ୍ରୀବିହାର ଥାନାରେ ଲିଖିତ ଅଭିଯୋଗ କରିବା ପରେ, ପୁଲିସ ଏକ ଠକେଇ ମାମଲା ରୁଜୁ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା ଏବଂ ଅଭିଯୁକ୍ତ ବିଶାଲକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ଲୁଣିଆ ଗୁଳିକାଣ୍ଡର ସ୍ମୃତି ଦିବସ, ୮୪ ବର୍ଷ ପୂରିଲା ୯ ଜଣ ସହିଦ ପରିବାରଙ୍କୁ ମିଳିଲାନି ମାନ୍ୟତା

# ଏବେବି ଅବହେଳିତ ସହିଦୀ ପରିବାର

ଭଦ୍ରକ,୨୩/୯(ନି/ପ୍ର): ଭଦ୍ରକ ଜିଲ୍ଲାର ଅନ୍ୟତମ ସହିଦି ପୀଠ ସ୍ୱାଧୀନତା ସଂଗ୍ରାମ ଇତିହାସର ଅନ୍ୟତମ ରକ୍ତାକ୍ତ ଓ ଗୌରବମୟ ଅଧ୍ୟାୟ 'ଲୁଣିଆ ଗୁଳିକାଣ୍ଡ'କୁ ଆଜି ୮୪ ବର୍ଷ ପୂରିଛି । ୧୯୪୨ ମସିହା ସେପ୍ଟେମ୍ବର ୨୨ ତାରିଖରେ ଭାରତ ମାତାର ମୁକ୍ତି ସଂଗ୍ରାମ ପାଇଁ ଲୁଣିଆ ମାଟିରେ ୯ ଜଣ ବୀର ସଂଗ୍ରାମୀ ଆତ୍ମବଳିଦାନ ଦେଇଥିଲେ । ମାତ୍ର ଦୁଃଖ ଓ ପରିତାପର ବିଷୟ, ସେହି ବୀରସହୀଦ ମାନଙ୍କ ନାମରେ ନିର୍ମିତ ସ୍ମୃତିପୀଠ ଆଜି ପ୍ରଶାସନିକ ଅବହେଳାର ଶିକାର ହୋଇ ପଡ଼ିରହିଛି । ସହୀଦ ସ୍ମୃତିସ୍ତମ୍ଭ ଓ ପରିସର ଦୀର୍ଘ ଦିନ ହେବ ଆବର୍ଜନାରେ ପୂରି ରହିଛି । ଏହି ଲୁଣିଆ ଗୁଳିକାଣ୍ଡ ରେ ୯ ଜଣ ସହିଦ ପରିବାର ଆଜି ବି ଅବହେଳିତ ଅବସ୍ଥାରେ ଅଛନ୍ତି । ସହିଦ ଦିବସ ଆସିଲେ ସେହି ଦିବସରେ ତାଙ୍କୁ ଗୋଟିଏ ଗାମିଛା ଓ ଗୋଟିଏ ଫୁଲ ତୁଡ଼ା ରେ ସୀମିତ ସହିଦ ପରିବାର ବଡ଼ ଦୁଃଖ ରେ କାଳ କାଟୁଛନ୍ତି ଏଥର ସହିଦ ଦିବସ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି ।୧୯୪୨ ମସିହାରେ ସର୍ଦ୍ଦାର ମୁରଲୀଧର ପଣ୍ଡାଙ୍କ ଆହ୍ୱାନ ରେ ଧାମନଗର ଅଂଚଳରେ ଇଂରେଜ ବିରୋଧୀ ଆନ୍ଦୋଳନ ତୀବ୍ର ରୂପ ନେଇଥିଲା । ଇଂରେଜ ପୁଲିସ ର ବର୍ବର ଗୁଳି ଚାଳନାରେ ସର୍ଦ୍ଦାର ମୁରଲୀଧର ପଣ୍ଡାଙ୍କ ସମେତ ବଳରାମ ବେହେରା, କୃଷ୍ଣ ମହାଲିକ, ଶ୍ୟାମ ମହାଲିକ, ଅଗଣି ସାହୁ, ଗୋପୀନାଥ ଜେନା, ନବକିଶୋର ନାୟକ, ଗୌରା ଜେନା, ଚିନ୍ତାମଣି ଦାସ ଓ ଶଙ୍କର ବେହେରାଙ୍କ ପରି ବୀର ପୁତ୍ରମାନେ ଆତ୍ମବଳିଦାନ ଦେଇ ସହୀଦ ହୋଇଥିଲେ ।ଯେଉଁ ମାଟିରୁ ସ୍ୱାଧୀନତାର ସ୍ୱର ଉତୋଳନ ହୋଇଥିଲା, ସେହି ପବିତ୍ର ସ୍ମୃତିପୀଠର ଏପରି ଦୁରବସ୍ଥା କୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ସଂଗ୍ରାମୀ ଦାୟାଦ ଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।୨୦୨୪ ମସିହାରେ ରାଜ୍ୟରେ ନୂତନ ସରକାର କ୍ଷମତାସୀନ ହେବା ପରେ, ଦେଶ ଓ ମାଟି ପାଇଁ ବଳିଦାନ ଦେଇଥିବା ଶହୀଦ ମାନଙ୍କ ପରିବାରକୁ 'କୁଟୁମ୍ବ ଯୋଜନା' (ସରକାରୀ ପାରିବାରିକ ସୁରକ୍ଷା ଓ କଲ୍ୟାଣକାରୀ ଯୋଜନା) ଅଧୀନରେ ସାମିଲ କରାଯିବ ବୋଲି ବଡ଼ ଘୋଷଣା କରାଯାଇଥିଲା । ଏହି ଯୋଜନା ମାଧ୍ୟମରେ ଶହୀଦ ପରିବାରକୁ ମାସିକ ସହାୟତା, ଆର୍ଥିକ ସୁରକ୍ଷା, ମାଗଣା ସ୍ୱାସ୍ଥ୍ୟସେବା ଏବଂ ସେମାନଙ୍କ ଦାୟାଦ ମାନଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ବିଶେଷ ସୁବିଧା ଯୋଗାଇଦେବାର ପ୍ରତିଶ୍ରୁତି ଦିଆଯାଇଥିଲା । ମାତ୍ର ଦୁଃଖର ବିଷୟ, ଘୋଷଣାର ଦୀର୍ଘ ଦିନ ବିତିଯାଇଥିଲେ ବି ଶହୀଦନଗରର ଅଗଣି ସାହୁ, ଗୋପୀନାଥ ଜେନା, ନବକିଶୋର ନାୟକ, ଗୌରା ଜେନା, ଚିନ୍ତାମଣି ଦାସ, ଶଙ୍କର ବେହେରା, କୃଷ୍ଣ ମହାଲିକ, ଶ୍ୟାମ ମହାଲିକ ଓ ବଳରାମ ବେହେରାଙ୍କ ପରି ବୀର ଶହୀଦଙ୍କ ଦାୟାଦମାନ ଙ୍କ ନିକଟରେ ଏହି ଯୋଜନାର ସୁଫଳ ଏପର୍ଯ୍ୟନ୍ତ ପହଚିଂ ପାରି ନାହିଁ । କେବଳ ସେପ୍ଟେମ୍ବର ୨୨ ଆସିଲେ ଅଂଚଳରେ ଏକ ପର୍ବ ପରି ପାଳିତ ହୁଏ ସହିଦ ପରିବାର ଙ୍କୁ ସମ୍ବର୍ଦ୍ଧନା ଦେଇ ଆୟଜକ ପର୍ବ ସାରି ଦିଅନ୍ତି ।ସବୁ କିନ୍ତୁ ପ୍ରତିଶ୍ରୁତି ରେ ହିଁ ରହିଯାଏ ।

# କାଦୁଅ ପଚପଚ ରାସ୍ତାରେ ମୁଣ୍ଡରେ ବହି ହାତରେ ଚପଲ ଧରି ସ୍କୁଲ ଯିବାକୁ ବାଧ୍ୟ ହେଉଛନ୍ତି ଛାତ୍ରଛାତ୍ରୀ

କେନ୍ଦୁଝର,୨୩/୯(ନି/ପ୍ର): ସମଗ୍ର ଶିକ୍ଷାର ନାରା ସଭିଏଁ ପଢିବେ , ସଭିଏଁ ବଢିବେ । ହେଲେ ଯେଉଁ ସ୍କୁଲକୁ ଭଲ ରାସ୍ତାଟିଏ ନାହିଁ । ଗ୍ରାମବାସୀଙ୍କ ଠାରୁ ଆରମ୍ଭ କରି ସ୍କୁଲ ପିଲା ସମସ୍ତେ କାଦୁଅ ପଚ ପଚ ରାସ୍ତାରେ ଯିବାକୁ ବାଧ୍ୟ ହେଉଛନ୍ତି ସେଠାରେ ପିଲାମାନେ କିପରି ପଢିବେ ଓ କିପରି ବଢିବେ ତାକୁ ନେଇ ଉଠିଛି ପ୍ରଶ୍ନ । ହାତରେ ଚପଲ ମୁଣ୍ଡରେ ବହି ଧରି ଧାଡି ହୋଇ ଚାଲିଛନ୍ତି ପିଲାମାନେ । ସାଙ୍ଗର ସ୍କୁଲ ଶିକ୍ଷକଙ୍କ ସହ ଗ୍ରାମବାସୀ । ସମସ୍ତଙ୍କର ସମାନ ଅବସ୍ଥା । ଏପରି ସ୍ଥିତି ଦେଖିବାକୁ ମିଳିଛି କେନ୍ଦୁଝର ସଦର ବ୍ଲକ ରତନପୁର ଗାଁରେ । ପ୍ରତ୍ୟେକ ଦିନ ଏମାନେ ଏ ପରି ଅବସ୍ଥାରେ ସ୍କୁଲକୁ ଯାଆନ୍ତି ବର୍ଷା । ଅଧିକା ହେଲେ ସ୍କୁଲ ବନ୍ଦ । କାରଣ ସ୍କୁଲ ପହଂଚିବା ଭିତରେ ବହୁପିଲା ରାସ୍ତାରେ ପଡି କାଦୁଅ ସରବର ହୋଇ ସ୍କୁଲରେ ପହଂଚନ୍ତି । ଦିନେ ଦିନେ ଏ ପରିବି ହୁଏ ସ୍କୁଲ ମଧ୍ୟାହ୍ନ ଭୋଜନ ବୋଲି ନେଇ ଆସିବା ବେଳେ ସେହି ରାସ୍ତାରେ ପାଚିକା ଓ ସହାୟକ ପଡି ଖାଇବା ତାଳି ହୋଇଯାଏ ଫଳରେ ପିଲାଙ୍କୁ ବିସ୍କୁଟ ଦିଆଯାଏ । ଏ ପରି ସ୍ଥିତିରେ ଦେଶର ଭବିଷ୍ୟତ ମାନେ କିପରି ପଢିବେ ଓ ବଢିବେ ତାକୁ ନେଇ ପ୍ରଶ୍ନ । ଗ୍ରାମବାସୀ ବାରମ୍ବାର ଗୁହାରି କଲେ ମଧ୍ୟ ତାଙ୍କ କଥା ସତେ ଯେପରି ଶୁଣିବାକୁ ହେଲ କେହିନାହିଁ । ଜିଲ୍ଲାରେ ବିଭିନ୍ନ ସମୟରେ ବିକାଶ ମୂଳକ କାମ ପାଇଁ ସଦର ବ୍ଲକ ପୁରସ୍କୃତ ହୋଇଥାଏ । ହେଲେ ଯଦି ଆଜିବି ରତନପୁର ଗାଁ ସ୍କୁଲକୁ ଯିବା ଭଳି ରାସ୍ତା ଅଛି , ସେଥିରୁ ସ୍ପଷ୍ଟ ଅନୁମେୟ ସଦର ବ୍ଲକରେ କିପରି କାମ ଚାଲୁଛି । ଏ ନେଇ ଆମେ ସଦର ବ୍ଲକ ବିଡିଓଙ୍କୁ ପଚାରିଥିଲୁ । ସେ ଖୁବ ଶିଘ୍ର ଏହାର ସମାଧାନ କରାଯିବ ବୋଲି କହିଥିଲେ ।

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ପୁରୀ,୨୩/୯: ପିପିଲି ବ୍ଲକ ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା ।ଏଥିରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଶାନ୍ତ କୁମାର ପତି ଅଧ୍ୟକ୍ଷତା କରିଥିଲେ ।ଏହି ଶୁଣାଣି ରେ ମୋଟ ୩୮ ଗୋଟି ଅଭିଯୋଗ ପତ୍ର ମିଳିଥିଲା । ସେଥିରୁ ବ୍ୟକ୍ତିଗତ ୩୦ ଗୋଟି, ସାମୁହିକ ୮ ଗୋଟି ଆବେଦନ ପତ୍ର ମିଳିଥିଲା ।

# ବୋଡ଼େନରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ନୂଆପଡ଼ା,୨୩/୯(ନି/ପ୍ର):ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ପରିସରରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗ ଶୁଣାଣି କରାଯାଇ ତାହାର ତ୍ୱରିତ ସମାଧାନ ନିମନ୍ତେ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ । ଆଜିର ଶିବିରରେ ମୋଟ ୫୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ୩୭ଟି ବ୍ୟକ୍ତିଗତ ଓ ୧୩ଟି ଗୋଷ୍ଠୀଗତ ଅଭିଯୋଗ ରହିଥିଲା । ଅଭିଯୋଗକାରୀମାନଙ୍କ ସମସ୍ୟା ଶୁଣି ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବା ସହ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ସୁନିଶ୍ଚିତ କରିବାକୁ କହିଥିଲେ । ପୂର୍ବରୁ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରଗୁଡ଼ିକରେ ଗ୍ରହଣ କରାଯାଇଥିବା ଅଭିଯୋଗର ଫଇସଲା ସ୍ଥିତି ମଧ୍ୟ ଜିଲ୍ଲାପାଳ ସମୀକ୍ଷା କରିଥିଲେ । ଅବଶିଷ୍ଟ ଅଭିଯୋଗଗୁଡ଼ିକର ଶୀଘ୍ର ଫଇସଲା କରି ଅଭିଯୋଗକାରୀଙ୍କୁ ଉପଯୁକ୍ତ ସେବା ଯୋଗାଇଦେବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶିବିର ଅବସରରେ ଲିଟିସର୍ଗି ଗ୍ରାମର ମୋହନ ଜଗତ ଓ ଆକରୁ କୁଳଦୀପଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତାର ଚେକ୍ ପ୍ରଦାନ କରାଯାଇଥିଲା । ସାଧାରଣ ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଶିବିର ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଓ ଆୟୁଷ୍ମାନ ଆରୋଗ୍ୟ ଶିବିର ଆୟୋଜନ କରାଯାଇଥିଲା । ଏଥିରେ ବରିଷ୍ଠ ନାଗରିକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିଲା । ଡୁମେରବାହାଲ ଗ୍ରାମର ୯୮ ବର୍ଷୀୟ କମଲେ ନିଆଲ ମଧ୍ୟ ଶିବିରରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ଏହି ଅବସରରେ ସ୍ୱଚ୍ଛ ସାଥି ମାନଙ୍କୁ ଶାଢ଼ୀ ଓ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ବନଖଣ୍ଡ ଅଧିକାରୀ ପ୍ରାନ୍ତୀୟ ଅଜିଜ୍ ଖାନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଈଶାନୀ ମିତ୍ର ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

# ବିବିଧା

# କାର୍ତ୍ତିକ ମାସରେ ପ୍ରାତଃସ୍ନାନ କାହିଁକି ?



*ଶାସ୍ତ୍ରରେ କାର୍ତ୍ତିକ ମାସକୁ ଏକ ପୁଣ୍ୟ ମାସ ଭାବେ ବିବେଚନା କରାଯାଇଛି । ପୁରାଣ ଅନୁଯାୟୀ, ସାଧାରଣ ଦିନରେ ହଜାର ବାର ଗଙ୍ଗା ସ୍ନାନରୁ ଯେଉଁ ଫଳ ମିଳିଥାଏ କାର୍ତ୍ତିକ ମାସରେ ସୂର୍ଯ୍ୟୋଦୟ ପୂର୍ବରୁ ଯେକୌଣସି ନଦୀରେ ସ୍ନାନ କରିବା ଦ୍ୱାରା ସମାନ ଫଳ ମିଳିଥାଏ...*

ପଦ୍ମ ପୁରାଣଙ୍କ ଅନୁଯାୟୀ, ଯେଉଁ ବ୍ୟକ୍ତିମାନେ କାର୍ତ୍ତିକ ମାସରେ ସୂର୍ଯ୍ୟୋଦୟ ପୂର୍ବରୁ ଉଠି ନଦୀ କିମ୍ବା ପୋଖରୀରେ ସ୍ନାନ କରି ଭଗବାନ ବିଷ୍ଣୁଙ୍କୁ ପୂଜା କରନ୍ତି ଭଗବାନ ବିଷ୍ଣୁ ସେମାନଙ୍କ ଉପରେ ଅଶେଷ କୃପା କରନ୍ତି । ପଦ୍ମପୁରାଣର କାହାଣୀ ଅନୁଯାୟୀ କାର୍ତ୍ତିକ ସ୍ନାନ ଏବଂ ପୂଜାପାଠ କରି ଦେବି ସତ୍ୟଭାମା ଭଗବାନ ଶ୍ରୀକୃଷ୍ଣଙ୍କ ପତ୍ନୀ ହେବାର ସୌଭାଗ୍ୟ ପାଇଥିଲେ ।

## କାର୍ତ୍ତିକ ସ୍ନାନର ପୌରାଣିକ କାରଣ

କାହାଣୀ ଅନୁଯାୟୀ କାର୍ତ୍ତିକ ମାସର ମହିମା ଜାଣିବା ପାଇଁ କୁମାର କାର୍ତ୍ତିକ ଭଗବାନ ଶିବଙ୍କୁ ପଚାରିଥିଲେ କାହିଁକି କାର୍ତ୍ତିକ ମାସକୁ ସବୁଠାରୁ ପୁଣ୍ୟ ମାସ କୁହାଯାଏ ? ଭଗବାନ ଶିବ ଉତ୍ତରରେ କହିଥିଲେ ଯେପରି ନଦୀ ମଧ୍ୟରେ ଗଙ୍ଗା ସର୍ବୋତ୍ତମ, ଦେବତାମାନଙ୍କ ମଧ୍ୟରେ ବିଷ୍ଣୁ ସର୍ବୋତ୍ତମ, ସେହିପରି ମାସ ମଧ୍ୟରେ କାର୍ତ୍ତିକ ସର୍ବୋତ୍ତମ । ଏହି ମାସରେ ଭଗବାନ ବିଷ୍ଣୁ ପାଣି ଭିତରେ ରୁହନ୍ତି । ତେଣୁ, ଏହି ମାସରେ ନଦୀ ଓ ପୋଖରୀରେ ଗାଧୋଇବା ଦ୍ୱାରା ଭଗବାନ ବିଷ୍ଣୁଙ୍କୁ ପୂଜା ଓ ସାକ୍ଷାତ କରିବାର ପୁଣ୍ୟ ମିଳିଥାଏ । ଯେତେବେଳେ ଭଗବାନ ବିଷ୍ଣୁ ଶ୍ରୀକୃଷ୍ଣ ରୂପରେ ଅବତାରିତ ହେଲେ, ରୁକ୍ମିଣୀ ଏବଂ ସତ୍ୟଭାମା ତାଙ୍କର ପାଟରାଣୀ ହେଲେ । ସତ୍ୟଭାମା ତାଙ୍କ ପୂର୍ବ ଜୀବନରେ ଜଣେ ବ୍ରାହ୍ମଣଙ୍କ ଝିଅ ଥିଲେ । ଯୌବନ କାଳରେ ଦିନେ ତାଙ୍କ ସ୍ୱାମୀ ଏବଂ ପିତାଙ୍କୁ ଏକ ରାକ୍ଷସ ହତ୍ୟା କରିଥିଲା । ବ୍ରାହ୍ମଣଙ୍କ ଝିଅ କିଛି ଦିନ ଧରି କାନ୍ଦିବାକୁ ଲାଗିଲେ । ଏହା ପରେ ସେ ଭଗବାନ ବିଷ୍ଣୁଙ୍କ ଭକ୍ତିରେ ନିଜକୁ ସମର୍ପିତ କରିଦେଲେ ।

ସେ ସବୁ ଏକାଦଶୀରେ ଉପବାସ ରଖିଲେ ଏବଂ କାର୍ତ୍ତିକ ମାସରେ ସେ ସୂର୍ଯ୍ୟୋଦୟ ପୂର୍ବରୁ ନିୟମିତ ସ୍ନାନ କରି ଭଗବାନ ବିଷ୍ଣୁ ଏବଂ ତୁଳସୀଙ୍କୁ ପୂଜା କଲେ । ଦିନେ ଯେତେବେଳେ ବ୍ରାହ୍ମଣଙ୍କ ଝିଅ କାର୍ତ୍ତିକ ସ୍ନାନ ପାଇଁ ଗଙ୍ଗାରେ ବୁଡ଼ ପକାଇଲେ, ସେ ଜ୍ୱରରେ ଥରି ଥରି ଗଙ୍ଗା କୂଳରେ ମୃତ୍ୟୁବରଣ କଲେ । ଏହି ସମୟରେ ବିଷ୍ଣୁଲୋକରୁ ଏକ ବିମାନ ଆସିଲା ଏବଂ ବ୍ରାହ୍ମଣଙ୍କ ଝିଅର ଦିବ୍ୟ ଶରୀରକୁ ବିମାନରେ ବସେଇ ବିଷ୍ଣୁ ଲୋକ ଚାଲିଗଲା ।

ଯେତେବେଳେ ଭଗବାନ ବିଷ୍ଣୁ କୃଷ୍ଣ ଭାବରେ ଅବତାରିତ ହୋଇଥିଲେ, ସେତେବେଳେ ବ୍ରାହ୍ମଣଙ୍କ ଝିଅ ସତ୍ୟଭାମା ଭାବରେ ଜନ୍ମ ହେଲେ । କାର୍ତ୍ତିକ ମାସରେ ପ୍ରାପ୍ତ ସ୍ନାନ କରିଥିବାରୁ ସେ ଭଗବାନଙ୍କୁ ପତ୍ନୀ ଭାବେ ପାଇଲେ, ଦୀପ ଦାନ କରିଥିବାରୁ ସତ୍ୟଭାମା ସୁଖ ଏବଂ ଧନ ପ୍ରାପ୍ତ କଲେ । ତୁଳସୀଙ୍କୁ ନିୟମିତ ଭାବେ ଜଳ ଅର୍ପଣ କରି ଜଣେ ସୁନ୍ଦର ଉଦ୍ୟାନର ଆନନ୍ଦ ପାଇଲେ ।

## କାର୍ତ୍ତିକ ସ୍ନାନର ବୈଜ୍ଞାନିକ କାରଣ

ଶରତ ପୂର୍ଣ୍ଣିମା ପରଠାରୁ କାର୍ତ୍ତିକ ମାସର ପ୍ରାପ୍ତ ସ୍ନାନ ଆରମ୍ଭ ହେବା ବିଧି ରହିଛି । ପୃଥିବୀର ପରିଭ୍ରମଣ ଏବଂ ପରିକ୍ରମଣ ଗରି କାରଣରୁ ବର୍ଷକୁ ଦୁଇଥର ଏହା ସୂର୍ଯ୍ୟଙ୍କ ନିକଟତର ହୋଇଥାଏ । ଗ୍ରୀଷ୍ମ ଋତୁରେ ଏହାର ନିକଟତରତା ରସର ଶୋଷକ ହୋଇଥାଏ ଏବଂ ଶରତରେ ଏହାର ନିକଟତରତା ରସର ପୋଷକ ହୋଇଥାଏ ।

ଆୟୁର୍ବେଦରେ ଏହି ଅବଧିକୁ ଭିସର୍ଗ ଅବଧି କୁହାଯାଏ - ଅର୍ଥାତ୍ ଏଥିରେ ବାୟୁର ଶୁଷ୍କତା କମିଯାଏ ଏବଂ ଚନ୍ଦ୍ରର ଶକ୍ତି ବଢିଯାଏ । ସୂର୍ଯ୍ୟ ଦକ୍ଷିଣାୟନରେ ଥିବା କାରଣରୁ ଏହାର କିରଣ ଉତ୍ତର ଗୋଲାର୍ଦ୍ଧରେ ପଡେ, ଫଳରେ ଭାରତବର୍ଷ ସୂର୍ଯ୍ୟଙ୍କ ଠାରୁ ଦୂରେଇ ଯାଏ । ଫଳରେ ଏଠାରେ ଶୀତ ଅନୁଭୁତ ହୁଏ ।

ବର୍ଷା ଋତୁରେ ଶରୀର ବର୍ଷାକାଳୀନ ଶୀତରେ ଅଭ୍ୟସ୍ତ ହୋଇଥାଏ ଏବଂ ଯେତେବେଳେ ଶରତ ସୂର୍ଯ୍ୟଙ୍କ କିରଣ ହଠାତ୍ ଶରୀର ଉପରେ ପଡ଼େ, ଶରୀରର ଅଙ୍ଗଗୁଡ଼ିକ ଉତ୍ତେଜିତ ହୁଏ ଏବଂ ବର୍ଷା ସମୟରେ ଶରୀରରେ ଜମା ହୋଇଥିବା ପିତ୍ତ ଶରତରେ ବିକ୍ଷିପ୍ତ ହେବା ଆରମ୍ଭ ହୁଏ । ତେଣୁ ପ୍ରକୃତିର ଏହି ପରିବର୍ତ୍ତନକୁ ଦୃଷ୍ଟିରେ ରଖି ମଣିଷ ନିଜର ଖାଦ୍ୟ ଏବଂ ଅସ୍ୱାସ୍ଥ୍ୟକର ଅଭ୍ୟାସ ପ୍ରତି ଯତ୍ନବାନ ହେବା ଉଚିତ ।

ଭାରତୀୟ ସମାଜରେ କାର୍ତ୍ତିକ ମାସରେ ବ୍ରାହ୍ମ ମୁହୂର୍ତ୍ତରେ ଥଣ୍ଡା ପାଣିରେ ଗାଧୋଇବାର ପରମ୍ପରା ରହିଛି, ଯାହା ଶରତ ପୂର୍ଣ୍ଣିମା ପରେ ଆରମ୍ଭ ହୁଏ । ଆୟୁର୍ବେଦର ପ୍ରସିଦ୍ଧ ଗ୍ରନ୍ଥ 'ଚରକ ସଂହିତା'ରେ ଏହି ଜଳରେ ଔଷଧିୟ ଗୁଣ ବଢିଯାଏ । କାରଣ ଦିନରେ ସୂର୍ଯ୍ୟ କିରଣ ଦ୍ୱାରା ଜଳ ଗରମ ହୁଏ ଏବଂ ରାତିରେ ଚନ୍ଦ୍ର କିରଣ ସ୍ପର୍ଶରେ ଜଳ ଥଣ୍ଡା ହୁଏ । ଫଳରେ ଏହି ପାଣିରେ ସ୍ନାନ କରିବା ହେତୁ ଶରୀରରେ ଥିବା ଅନବଶ୍ୟକ ପିତ୍ତ ବା ଅନ୍ୟାନ୍ୟ ଆବର୍ଜନା ବାହାରି ଆସେ ଆଉ ଶରୀର ଡିଟକ୍ସାଇଡ୍ ହୋଇଯାଏ ।



# କଳା ଡବାରେ ପ୍ୟାକେଟିଂ ହୋଇଆସୁଥିବା ଖାଦ୍ୟ ଖାଉଛନ୍ତି କି?

*କଳାଡ଼ବାରେ ପ୍ୟାକେଟିଂ ହୋଇ ଆସୁଥିବା ଖାଦ୍ୟ ଖାଉଥିଲେ ସାବଧାନ ! ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଏହା ହାନିକାରକ । କାରଣ ଏହି ବାକ୍ସଗୁଡ଼ିକ ପ୍ଲାଷ୍ଟିକ୍ ରେଜିନ୍‌ରେ କାର୍ବନ କଳା ରଙ୍ଗ ମିଶ୍ରଣ କରି ତିଆରି କରାଯାଇଥାଏ...*



ପ୍ରାୟ ଲୋକ ମୋବାଇଲରୁ ଫୁଡ୍ ଅର୍ଡର କରି ଖାଦ୍ୟ ଖାଉଛନ୍ତି । କିନ୍ତୁ ପ୍ୟାକେଟ ହୋଇ ଡବାରେ ଆସୁଥିବା ଖାଦ୍ୟ ଯେ ସ୍ୱାସ୍ଥ୍ୟ ପ୍ରତି କେତେ କ୍ଷତିକାରକ ତାହା ଆପଣ ଜାଣିନଥିବେ । ଆଜ୍ଞା ହଁ , ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ କଥାଟି ସମ୍ପୂର୍ଣ୍ଣ ରୂପେ ସତ ।

■ ସାଧାରଣତଃ ଖାଦ୍ୟ ପ୍ୟାକେଜିଂ ପାଇଁ ବ୍ୟବହୃତ ପ୍ଲାଷ୍ଟିକ୍ ବାକ୍ସଗୁଡ଼ିକ ପ୍ଲାଷ୍ଟିକ୍ ରେଜିନ୍‌ରେ କାର୍ବନ କଳା ରଙ୍ଗ ମିଶ୍ରଣ କରି ତିଆରି କରାଯାଏ । ଏହି ରଙ୍ଗ ପ୍ଲାଷ୍ଟିକକୁ କଳା ରଙ୍ଗ ଦେଇଥାଏ । ତେଣୁ ଯେତେବେଳେ ଆମେ ଏହି ପାତ୍ରରେ ଖାଦ୍ୟ ଖାଉ, ସେତେବେଳେ ଏଥିରେ ଥିବା କିଛି ରାସାୟନିକ ପଦାର୍ଥ ଖାଦ୍ୟ ସହିତ ମିଶିଯାଏ ଏବଂ ଶରୀରରେ ପ୍ରବେଶ କରେ , ଯାହା ପରେ କ୍ଷତିକାରକ ହୋଇଥାଏ । ଏହି ପ୍ଲାଷ୍ଟିକ୍ ଡବା ରେ ଅତ୍ୟଧିକ ଗରମ ଖାଦ୍ୟ ସଂରକ୍ଷଣ କରିବା କିମ୍ବା ମାଇକ୍ରୋୱେଭ୍‌ରେ ଗରମ କରିବା ଦ୍ୱାରା କର୍କଟ ରୋଗ ହେବାର ଆଶଙ୍କା ବଢ଼ିଯାଏ ।

■ ଏକ ଗବେଷଣାରୁ ଜଣାପଡ଼ିଛି ଯେ କଳା ପ୍ଲାଷ୍ଟିକରେ ଥିବା କାର୍ବନର କଳାରଙ୍ଗ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥାଏ । କାର୍ବନ କଳା ପ୍ଲାଷ୍ଟିକରେ ଥିବା ପଲିସାଇକ୍ଲିକ୍ ଆରୋମାଟିକ୍ ହାଇଡ୍ରୋକାର୍ବନକୁ ଇଣ୍ଟରନ୍ୟାସନାଲ୍ ଏଜେନ୍ସି ଫର୍ ରିସର୍ଚ୍ଚ ଅନ୍ କ୍ୟାନସର ଦ୍ୱାରା କର୍କଟ ରୋଗ ସୃଷ୍ଟିକାରୀ ବୋଲି କୁହାଯାଇଛି, ଯାହା କର୍କଟ ରୋଗର ବିପଦ ସୃଷ୍ଟି କରେ । କେବଳ ଏତିକି ନୁହେଁ ଏହା ଶ୍ୱାସକ୍ରିୟା ସମସ୍ୟା ମଧ୍ୟ ସୃଷ୍ଟି କରିପାରେ । ଯଦି ଆପଣ ମଧ୍ୟ ସେହି ଲୋକମାନଙ୍କ ମଧ୍ୟରୁ ଜଣେ ଯେଉଁମାନେ ପ୍ରାୟତଃ ଏହି କଳାଡ଼ବାରେ ଖାଦ୍ୟ ଖାଆନ୍ତି, ତେବେ ଆଜି ହିଁ ଏହି ଅଭ୍ୟାସକୁ ପରିବର୍ତ୍ତନ କରନ୍ତୁ ।

■ କଳା ପ୍ଲାଷ୍ଟିକରେ ଅନେକ କ୍ଷତିକାରକ ରାସାୟନିକ ପଦାର୍ଥ ଥାଏ । ଏହି ବିପଦପୂର୍ଣ୍ଣ ରାସାୟନିକ ପଦାର୍ଥ ମଧ୍ୟରୁ ଗୋଟିଏ ହେଉଛି 'ଏଣ୍ଡୋକ୍ରାଇନ୍ ଡିସପ୍ରେଟିଂ' ଯାହା ମଣିଷ ଶରୀର ପାଇଁ ବିଷ ସଦୃଶ । କାରଣ ଏହା ଆମ ଶରୀରରେ ପ୍ରବେଶ କରି ହରମୋନ୍ ସନ୍ତୁଳନକୁ ବ୍ୟାଘାତ କରେ , ହରମୋନକୁ ଖରାପ କରିଥାଏ । ତେଣୁ ଦୀର୍ଘ ସମୟ ଧରି ଏହାକୁ ବ୍ୟବହାର କଲେ ଏଥିରେ ଥିବା ରାସାୟନିକ ପଦାର୍ଥ କର୍କଟ ରୋଗ ସୃଷ୍ଟି କରିପାରେ

# ଡାଇମଣ୍ଡ ଡ୍ରେସ୍ ପିନ୍ଧି ଚମକିଲେ ଐଶ୍ୱର୍ଯ୍ୟା

ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ବଲିଉଡର ସବୁଠାରୁ ସୁନ୍ଦରୀ ଅଭିନେତ୍ରୀମାନଙ୍କ ମଧ୍ୟରୁ ଜଣେ । ଦେଶ ଏବଂ ବିଶ୍ୱରେ ତାଙ୍କର ଲକ୍ଷଲକ୍ଷ ପ୍ରଶଂସକ ଅଛନ୍ତି । ଐଶ୍ୱର୍ଯ୍ୟା ରାୟ ସମ୍ପ୍ରତି ପ୍ୟାରିସ୍ ଲୋରିଏଲ୍ ଫ୍ୟାସନ୍ ସପ୍ତାହ ୨୦୨୫ରେ ଯୋଗ ଦେଇଥିଲେ । ଅଭିନେତ୍ରୀ କିଛିଦିନ ହେବ ସୋସିଆଲ ମିଡିଆରେ ତାଙ୍କର ଅନେକ ଫଟୋ ସେୟାର କରିଛନ୍ତି । ପ୍ୟାରିସ୍ ଲୋରିଏଲ୍ ଫ୍ୟାସନ୍ ସପ୍ତାହ ୨୦୨୫ ରେ ଐଶ୍ୱର୍ଯ୍ୟା ରାମ୍ପ ୱାକ୍ ସମୟରେ ଏକ କଳାରଙ୍ଗର ପୋଷାକ ପିନ୍ଧିଥିବା ଦେଖିବାକୁ ମିଳିଥିଲା । ଏହି ପୋଷାକଟି ବେଶ ଚର୍ଚ୍ଚାର ପରିସରରେ ରହିଛି । ଏହାର ସ୍ୱତନ୍ତ୍ରତା ହେଉଛି ଏଥିରେ ମୂଲ୍ୟବାନ ହୀରାଖଞ୍ଜା ଯାଇଛି । ଐଶ୍ୱର୍ଯ୍ୟାଙ୍କ ଏହି ପୋଷାକ ଲୋକପ୍ରିୟ ବଲିଉଡ୍ ଡିଜାଇନର୍ ମନୀଷ ମଲହୋତ୍ରାଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିଲା । କଳାରଙ୍ଗର ପୋଷାକ ସହିତ ହୀରାଖଞ୍ଜିତ ପୋଷାକ ପିନ୍ଧା ଫଟୋକୁ ଐଶ୍ୱର୍ଯ୍ୟାଙ୍କ ପ୍ରଶଂସକମାନେ ବେଶ ଭଲପାଇବା ଦେବା ସହିତ ନିଜନିଜ ଆକାଉଣ୍ଟରେ ବହୁମାତ୍ରାରେ ସେୟାର ବି କରୁଛନ୍ତି ।



# ରିଲିଜ୍ ପୂର୍ବରୁ ଆଖି ବୁଜିଥିଲେ 'କାନ୍ତରା'ର ଅଭିନେତା



ରିଷଭ ସେଟ୍ଟୀଙ୍କ 'କାନ୍ତାରା ଚାପ୍ଟର ୧' ବକ୍ସ ଅଫିସରେ ଧମାଲ ମଚାଉଛି ଏବଂ କୋଟି କୋଟି ଟଙ୍କା ରୋଜଗାର କରୁଛି । ପୂର୍ବ ସିନେମା କାନ୍ତାରା ପରି ଚଳିତଥର ମଧ୍ୟ ସିନେମାର ମୁଖ୍ୟ ଅଭିନେତା ରିଷଭ ସେଟ୍ଟୀ ଦର୍ଶକଙ୍କୁ ନିଜ ଜୀବନ୍ତ ଅଭିନୟ ଦ୍ୱାରା ପ୍ରଭାବିତ କରିଛନ୍ତି । ଲୋକମାନେ ତାଙ୍କ ଅଭିନୟକୁ ପସନ୍ଦ କରିବା ସହ ଭୁରି ଭୁରି ପ୍ରଶଂସା ମଧ୍ୟ କରୁଛନ୍ତି । ରିଷଭଙ୍କ ସହ ଅନ୍ୟ କଳାକାରଙ୍କୁ ମଧ୍ୟ ପ୍ରଶଂସା କରାଯାଉଛି । ଖାସ୍ କରି ସିନେମାରେ ଛୋଟ ଛୋଟ କମେଡି ସିନକୁ ଦେଖି ମଧ୍ୟ ଦର୍ଶକ ବାଃ ବାଃ କରୁଛନ୍ତି । ମୁଭିରେ କମେଡିର ତଡ଼କା ଲଗାଇଥିବା ଅଭିନେତା ରାକେଶ ପୂଜାରୀଙ୍କ ଅଭିନୟକୁ ଦେଖି ପ୍ରେକ୍ଷାଳୟରେ ସିନେପ୍ରେମୀ ଖୁବ୍ ହସିଛନ୍ତି । କିନ୍ତୁ ଦୁର୍ଭାଗ୍ୟର ବିଷୟ ସମସ୍ତଙ୍କୁ ହସାଇଥିବା ଏହି କଳାକାର ନିଜେ ଏହି ସିନେମାକୁ ଦେଖିପାରିଲେ ନାହିଁ କି ପ୍ରଶଂସାର ଫୁଲ ପିନ୍ଧିପାରିଲେ ନାହିଁ । କାରଣ ସିନେମା ରିଲିଜ୍ ହେବା ପୂର୍ବରୁ ହିଁ ରାକେଶ ଏ ଦୁନିଆକୁ ଅଲବିଦା କହିଥିଲେ । ଆଜ୍ଞା ହଁ ,କାନ୍ତାରା ସିନେମାରେ ଏକ ଜେଲ୍ ସିନ୍ ରହିଛି ଯେଉଁଠି ଅଭିନେତା ରାକେଶଙ୍କ କମେଡି ଦର୍ଶକଙ୍କୁ ହସାଇ ହସାଇ ବେଦମ୍ କରିଥିଲା । କାନ୍ତାରାରେ 'ପେପ୍ପେ' ଭୂମିକାରେ ନଜର ଆସିଥିବା ଅଭିନେତା ସିନେପ୍ରେମୀଙ୍କୁ ସିନା ହସାଇଦେଲେ କିନ୍ତୁ ନିଜ ଅଭିନୟ ଦେଖିବାକୁ ଏ ଦୁନିଆରେ ଆଉ ନାହାନ୍ତି । ୨୦୨୫ ମେ ମାସରେ ତାଙ୍କର ପରଲୋକ ହୋଇଯାଇଛି । ସୂଚନା ଅନୁସାରେ କାନ୍ତାରା ଚାପ୍ଟର ୧ ର ସୁଟିଂ ସମୟରେ ଅନେକ ଅଭିନେତା ଏବଂ କ୍ରୁ ସଦସ୍ୟଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟ ହୋଇଥିଲା । ସେମାନଙ୍କ ମଧ୍ୟରୁ ଜଣେ ଥିଲେ ଅଭିନେତା ରାକେଶ ପୂଜାରୀ । କିନ୍ତୁ ରାକେଶ ଫିଲ୍ମ ସେଟରେ ମୃତ୍ୟୁବରଣ କରିନଥିଲେ । ସେ ୧୧ ମେ ୨୦୨୫ ରେ ଜଣେ ନିକଟତମ ବନ୍ଧୁଙ୍କ ବିବାହ ମେହେନ୍ଦି ସମାରୋହରେ ଯୋଗ ଦେଇଥିଲେ । ସେଠାରେ ତାଙ୍କର ହୃଦଘାତ ହୋଇଥିଲା ଏବଂ ତାଙ୍କୁ ହସ୍ପିଟାଲରେ ମୃତ ଘୋଷଣା କରାଯାଇଥିଲା । ମାତ୍ର ୩୪ ବର୍ଷ ବୟସରେ ସେ ଆରପାରିକୁ ଚାଲି ଯାଇଥିଲେ । ରାକେଶ ତାଙ୍କର ପ୍ରଥମ ଏବଂ ସବୁଠାରୁ ଲୋକପ୍ରିୟ କନ୍ନଡ ଶୋ 'କମେଡି ଖିଲାଡିଗାଲୁ'ର ଦ୍ୱିତୀୟ ସିଜିନ୍ ସହିତ ପରିଚିତି ହାସଲ କରିଥିଲେ । ରାକେଶ ସିନା ଆଉ ଏ ଦୁନିଆରେ ନାହାନ୍ତି କିନ୍ତୁ ତାଙ୍କର ଅଭିନୟ ସବୁବେଳେ ଦର୍ଶକଙ୍କ ମନରେ ତାଙ୍କୁ ଜୀବନ୍ତ କରି ରଖିଥିବ ।



ଚୁମ୍ବନ ଦୃଶ୍ୟ ପାଇଁ ଅନେକ ବଲିଉଡ୍ ଫିଲ୍ମ ଅଫର୍ଛାଡ଼ିଛନ୍ତି ପଞ୍ଜାବୀ ଷ୍ଟାର ସୋନମ ବାଜୱା । ତେବେ ଆତ୍ମ ବିଶ୍ୱାସ ନୁହେଁ, ଭୟ ଓ ନିଜ ଉପରେ ସନ୍ଦେହ ଯୋଗୁ ଏହି ନିଷ୍ପତ୍ତି ନେଇଥିଲେ ବୋଲି ସୋନମ କହିଛନ୍ତି । ପଞ୍ଜାବ ଦର୍ଶକ ପରଦାରେ ତାଙ୍କ ଅନ୍ତରଙ୍ଗ ଦୃଶ୍ୟକୁ କେମିତି ଗ୍ରହଣ କରିବେ, ସେହି ଚିନ୍ତାରେ ସୋନମ ଏ ନିଷ୍ପତ୍ତି ନେଇଥିଲେ । ପଞ୍ଜାବରେ ସୋନମ ଜଣେ ଲୋକପ୍ରିୟ ଅଭିନେତ୍ରୀ ଭାବେ ଖୁବ୍ ପରିଚିତ । ଏକ ଗଣମାଧ୍ୟମକୁ ସୋନମ କହିଛନ୍ତି, କ୍ୟାରିଅର ଆରମ୍ଭରେ ତାଙ୍କୁ ବଲିଉଡ୍ ଅଫର ମିଳିଥିଲା । ଏକାଧିକ ଫିଲ୍ମରେ ଚୁମ୍ବନ ଦୃଶ୍ୟ ଥିଲା ।

# ଚୁମ୍ବନ ଦୃଶ୍ୟ ପାଇଁ ଅନେକ ଫିଲ୍ମ ଅଫର ଛାଡ଼ିଛନ୍ତି ସୋନମ

ପଞ୍ଜାବ ଏହାକୁ ଗ୍ରହଣ କରିବ ତ ? ପରିବାର ସହିତ ଫିଲ୍ମ ଦେଖିବା ମାନସିକତା ପଞ୍ଜାବୀଙ୍କର ଥିବାରୁ ସୋନମ ଫିଲ୍ମ ସାଇନ୍ କରିବାକୁ ଖୁବ୍ ଡରିଯାଇଥିଲେ । ନିଜ ପରିବାର କଥା ମଧ୍ୟ ସେ ଚିନ୍ତା କରିଥିଲେ । ଏଭଳି ଅନେକ ଦ୍ୱନ୍ଦ୍ୱାତ୍ମକ ପ୍ରଶ୍ନ ତାଙ୍କ ମୁଣ୍ଡରେ ଥିଲା । କିନ୍ତୁ ମାତାପିତାଙ୍କ ସହ ଖୋଲା କଥା ହେବା ପରେ ସେମାନେ ରାଜି ହେଲେ । ଯଦି ଏହା ଫିଲ୍ମ ପାଇଁ କରିବାକୁ ପଡ଼ିବ, ତେବେ କିଛି ସମସ୍ୟା ନାହିଁ ବୋଲି ସେମାନେ ସୋନମଙ୍କୁ ଆଶ୍ୱସ୍ତ କଲେ । ଶେଷ ଥର ଅକ୍ଷୟ କୁମାରଙ୍କ 'ହାଉସ୍‌ଫୁଲ-୫'ରେ ପରଦାକୁ ଆସିଥିଲେ ସୋନମ । ଆସନ୍ତା ୨୧ ତାରିଖରେ ତାଙ୍କ ଫିଲ୍ମ 'ଏକ୍ ଦିୱାନେ କୀ ଦିୱାନୀୟତ୍' ମୁକ୍ତିଲାଭ କରିବ, ଯାହାକୁ ସେ ଉତ୍ସାହର ସହ ଅପେକ୍ଷା କରିଛନ୍ତି ।

ଉତ୍କଳ ସମାଚାର

# ସମ୍ପାଦକୀୟ...

**ଗୁରୁବାର ୨୪ ସେପ୍ଟେମ୍ବର ୨୦୨୬**

## ସରସ ରସ :ବୁରିଡନଙ୍କ ଗଧ

ଭାଷଣରେ ଭୂଷଣରେ, ବଜାରରେ ମଲ୍‌ରେ, ଦୃଶ୍ୟରେ ଅଦୃଶ୍ୟରେ, କର୍ମ କ୍ଷେତ୍ରରେ ଧର୍ମ କ୍ଷେତ୍ରରେ ସବୁଠି ଦ୍ୱିଧାରେ ପଡ଼ିବାକୁ ହୁଏ ନିଷ୍ପତି ନେବାରେ । ଯିଏ କେବେ ନିଷ୍ପତ୍ତି ନେବାର ଦ୍ୱନ୍ଦ୍ୱରେ ପଡ଼ିନାହିଁ କି ପସନ୍ଦଟିଏ ବାଛିବାରେ ଦ୍ୱିଧାଗ୍ରସ୍ତ ହୋଇନାହିଁ ସେ ଜୀବନକୁ ଆଦୌ ନିକଟରୁ ଦେଖିନାହିଁ । କରିବା ଓ ନ କରିବା ଦ୍ୱନ୍ଦ୍ୱର କୁହୁଡ଼ି ମଧ୍ୟରେ ପହଁରା ନ ଜାଣିଥିଲେ ପଥଭ୍ରଷ୍ଟ ହେବା ସ୍ୱାଭାବିକ । ଦ୍ୱନ୍ଦ୍ୱରେ ପଡ଼ି ଅନେକ ମାନସିକ ସଂଘର୍ଷ ପରେ ଯାହା ହାସଲ ହୁଏ, ପାଇବାର ସେ ସୁଖ ଟିକକ ହଜିଯାଏ ଅବଶିଷ୍ଟକୁ ନ ପାଇ ପାରିବାର କାରୁଣ୍ୟ ମଧ୍ୟରେ । ପସନ୍ଦ କରିବାରେ ଅକ୍ଷମତା ବିଫଳ ହେବାର ପ୍ରଥମ ସୋପାନ । ସମୟ ଥାଇ ନିଷ୍ପତ୍ତି ନେବାର କ୍ଷମତା ନଥିଲେ ବିଫଳତାରେ ହାତ ଲାଗିବା ସ୍ୱାଭାବିକ । ଭୁଲ୍ ? ନିଷ୍ପତ୍ତିର ବିପଦ ଅପେକ୍ଷା ନିଷ୍ପତି ନେଇ ନ ପାରିବା ଅଧିକ କ୍ଷତିକାରକ । ଯାତ୍ରା ପଥରେ ନିର୍ଣ୍ଣୟକୁ ନେଇ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇଥାନ୍ତି ସମସ୍ତେ । ଭୁଲ୍ ?ଟିଏ କରିବା ଅପେକ୍ଷା ନିଷ୍ପତ୍ତିରେ ଆଗପଛ ହେବା ଅଧିକ କଷ୍ଟ ଦିଏ । ସୁଯୋଗ ହାତଛଡ଼ା ହୋଇ ସମୟର ଅପଚୟ ଘଟେ । ଭୁଲ୍ ? ନିଷ୍ପତ୍ତିକୁ ସୁଧାରି ଦିଆଯାଇପାରେ କିମ୍ବା କ୍ଷତି ତା'ର ଭରଣା କରାଯାଇପାରେ, ମାତ୍ର ନିର୍ଣ୍ଣୟ ନେବାରେ ଅକ୍ଷମତା ଅଥବା ବିଳମ୍ବ ଅପରିବର୍ତ୍ତନୀୟ ପରିଣତି ଆଣିଦିଏ । ସେଥିପାଇଁ ସନ୍ତୋଷ ଟିକିଏ ପାଇବାର ଉପାୟ ହେଉଛି ନିର୍ଣ୍ଣୟ ନେବାର ବା ପସନ୍ଦ କରିବାର ଦ୍ୱନ୍ଦ୍ୱକୁ ଯଥା ସମ୍ଭବ ସୀମିତ କରିବା ଏବଂ ପସନ୍ଦ କରିବାରେ ମନର ସ୍ୱାଧୀନତାକୁ ବିକେନ୍ଦ୍ରିତ କରିବା । ନିଷ୍ପତ୍ତି ନେବାପାଇଁ ମନକୁ ମନାଇବା କଷ୍ଟକର । ନିର୍ଣ୍ଣୟକୁ ନେଇ ସଂଘର୍ଷ ମନ ଭିତରେ ଅବିଶ୍ରାନ୍ତ ଚାଲିଛି । କରିବି କି ନାହିଁ, ଦେବି କି ନାହିଁ, ନେବି କି ନାହିଁ, କିଣିବି କି ନାହିଁ, ଯିବି କି ନାହିଁ, କହିବି କି ନାହିଁ ଏହିପରି ଅନେକ "କି ନାହିଁ"ର ପରସ୍ପର ସହିତ ସଂଘାତ । ବିନା କିଛି ଦ୍ୱନ୍ଦ୍ୱରେ ଗ୍ରହଣ କରିନେବା ପରି ବସ୍ତୁଟିଏ ନାହିଁ କି ମନଟିଏ ମଧ୍ୟ ନାହିଁ । ରାସ୍ତାର ଦୋ'ଛକିରେ ପହଂଚିଗଲେ ବିକଳ୍ପ ରାସ୍ତା ତ ଅନେକ ମିଳିଯାଏ, କେଉଁ ରାସ୍ତାଟି ଧରିବାକୁ ହେବ ସେ ନିଷ୍ପତି ନେବାପାଇଁ ମନ ଆଗପଛ ହୁଏ । ଗୋଟିଏରେ ପାଦ ଥାପିଲେ ଅନ୍ୟଟି ମହନର ଲାଗେ । ପଛକୁ ଫେରି ଅନ୍ୟ ରାସ୍ତା ଧରିଲେ ପୁଣି ସେଇ ପସନ୍ଦର ସଂକଟ ରାସ୍ତା ରୋକୁଥାଏ, ପୂର୍ବର ରାସ୍ତାଟି ବୋଧହୁଏ ଭଲ ହୋଇଥାନ୍ତା ! ଶାଢ଼ି କି ପୋଷାକଟିଏ କିଣିବାକୁ ବଜାରକୁ ଗଲେ ଅନେକ ଶାଢ଼ି ଓ ପୋଷାକ ଘାଟିଂବା ପରେ ମଧ୍ୟ କିଛି ମନକୁ ପାଏନି । ବହୁ କଷ୍ଟରେ ପସନ୍ଦ ହୋଇଥିବା ଜିନିଷଟି ଧରି ଘରକୁ ଫେରିଲେ ମନ ତଥାପି କହୁଥାଏ, ଆହା ! କେତେ ଭଲ ଶାଢ଼ି ସବୁ ରହିଗଲା । ଅନ୍ୟ ଗୋଟିଏ ଆଣିଥିଲେ ଭଲ ହୋଇଥାନ୍ତା ପରା ! ଆଣିଥିବା ଜିନିଷଟି ଆଉ ଆତ୍ମସନ୍ତୋଷ ଦେଇ ପାରେନି । ଏ ଦ୍ୱନ୍ଦ୍ୱ ସବୁଠି, ସବୁ ପରିସ୍ଥିତିରେ ଆମର ଚେତନାକୁ ବିବ୍ରତ କରି ଚାଲିଛି । ପାର୍ଟିକୁ ଯାଉଛେ, କେଉଁ ରଙ୍ଗର ପୋଷାକ ପିନ୍ଧିବା, ଅନେକ ବିବାହ ପ୍ରସ୍ତାବ ମଧ୍ୟରୁ କେଉଁଟି ବାଛିବା, ପିଲାକୁ କେଉଁ ସ୍କୁଲରେ ପଢ଼ାଇବା, କେଉଁ କ୍ୟାରିଅରଟି ସର୍ବୋତମ, ଏହିପରି ଅନେକ । ନିର୍ଣ୍ଣୟ ନେବାର ଦ୍ୱନ୍ଦ୍ୱ ମାନସିକ ଉଦ୍‌ବେଗର ପ୍ରମୁଖ କାରଣ । ମନ ଏପରି ଏକ ପରିସ୍ଥିତିରେ ପଡ଼େ କାହିଁକି ? ନିଷ୍ପତି ନେବାରେ ଉପୁଜୁଥିବା ସଂକଟର କାରଣ ହେଉଛି, ପସନ୍ଦରେ ଭୁଲ୍ ହୋଇଯିବାର ଭୟ । ଇଏ କ'ଣ କହିବ, ସିଏ କ'ଣ ଭାବିବ ଏହିପରି ଅସୁମାରି ଭୟ ନିର୍ଣ୍ଣୟ ନେବାରେ ଦ୍ୱନ୍ଦ୍ୱ ସୃଷ୍ଟି କରେ । ଆତ୍ମ ବିଶ୍ୱାସ ସ୍ଥାନରେ ଭରିଦିଏ ଆତ୍ମ ସନ୍ଦେହ । ଆଧୁନିକ ଜୀବନଶୈଳୀରେ ପସନ୍ଦର ସଂକଟ ଆଜି ଅତି ଉତ୍କଟ । କାରଣ, ଆଜିର ଦୁନିଆ ସମ୍ମୁଖରେ ଆମର ରଖିଦେଇଛି ଅନେକ ବିକଳ୍ପ । ବିକଳ୍ପର ସଂଖ୍ୟା ଯେତେ ଅଧିକ ହେଉଛି ନିଷ୍ପତ୍ତି ନେବାର ସଂକଟ ସେତେ ତୀବ୍ରତର ହେଉଛି । ଏହି ଦ୍ୱନ୍ଦ୍ୱ ହେତୁ ମନରେ ଭରିଯାଉଛି ଚାପ, ଚିନ୍ତା ଓ ଅବସାଦ । କିଛି ବର୍ଷ ପୂର୍ବେ ଦୋକାନକୁ ଗଲେ ଆଠ ଦଶଟି ବିକଳ୍ପ ଜିନିଷ ମଧ୍ୟରୁ ଗୋଟିଏ ପସନ୍ଦ କରି ସହଜରେ ଆଣି ହେଉଥିଲା । ଏବେ ଦୋକାନରେ ମିଳୁଛି ଶତାଧିକ ବୈକଳ୍ପିକ ପସନ୍ଦ । ତା' ଭିତରୁ ମନ ମୁତାବକ ଗୋଟିଏ ବାଛିବା କଷ୍ଟକର ନୁହେଁ କି ? ଘରେ ଗୋଟିଏ ତରକାରିରେ ଆତ୍ମସନ୍ତୋଷ ମିଳିଯାଏ, କିନ୍ତୁ ଭୋଜି ଆସରକୁ ଗଲେ ତିରିଶ ପ୍ରକାରର ବ୍ୟଞ୍ଜନ ସାମନାରେ ଦେଖି କାହାକୁ ଖାଇବା ଜାଣି ହୁଏନି । ସମସ୍ତ ବ୍ୟଞ୍ଜନ ଥାଳିକୁ ନେଇ ଶେଷରେ ଡଷ୍ଟବିନକୁ ଫିଙ୍ଗାଯାଏ । ଦ୍ୱନ୍ଦ୍ୱର ଅସଲ ଜଡ଼ ତ ଏହି ବିକଳ୍ପର ଆତିଶଯ୍ୟ ନିକଟରେ ! ସମୃଦ୍ଧ ସମାଜରେ ଖୁସି ହଜିଯାଉଥିବାର ଏହା ମଧ୍ୟ ଏକ ପ୍ରମୁଖ କାରଣ । ଅର୍ଥାତ୍ ଅନେକ ମାନସିକ ସନ୍ତୁଳନ ପରେ ଅନ୍ତିମ ନିର୍ଣ୍ଣୟଟି ଆମକୁ ସନ୍ତୁଷ୍ଟି ଦେଇ ନ ପାରିବା । ଅନେକ ସମୟରେ ପସନ୍ଦକୁ ନେଇ ଦ୍ୱନ୍ଦ୍ୱ ବିଚାର ବୈକଲ୍ୟ ହେତୁ ନ ହୋଇ ପରିସ୍ଥିତିର ବିରୋଧାଭାସ ହେତୁ ସୃଷ୍ଟି ହୋଇଥାଏ । ଉଦାହରଣ ସ୍ୱରୂପ, ନିଯୁକ୍ତିଟିଏ ପାଇବା ପାଇଁ ଯେଉଁଠି ଆବଶ୍ୟକ ହୁଏ ଦୁଇ ବର୍ଷର ପ୍ରାଥମିକ ଅଭିଜ୍ଞତା, ସେଠାରେ ପ୍ରଶ୍ନ ଆସେ, ନିଯୁକ୍ତି ନ ମିଳିଲେ ଏ ଅଭିଜ୍ଞତା ମିଳିବ କେମିତି ! ମନୁଷ୍ୟର ଯେଉଁ ବିଶେଷ ସାମର୍ଥ୍ୟଟି ଅଛି, ତାହା ହେଉଛି ତା'ର ମୁକ୍ତ ଇଚ୍ଛା ବା 'ଫ୍ରି ବିଲ୍' । ମୁକ୍ତ ଇଚ୍ଛା ହେଉଛି ସମ୍ଭାବନାକୁ ଖୋଜି ପାଇବାର ସାମର୍ଥ୍ୟ । ଅନେକ ମଧ୍ୟରୁ ଗୋଟିଏ ବାଛିବାର କ୍ଷମତା । ଏହି ସାମର୍ଥ୍ୟ ହିଁ ସୃଷ୍ଟି କରିଥାଏ ପସନ୍ଦକୁ ନେଇ ମାନସିକ ଦ୍ୱନ୍ଦ୍ୱ । ଫରାସୀ ଚିନ୍ତକ ଜନ୍ ବୁରିଡନ କହୁଥିଲେ, ଭୁଲ୍ ନିଷ୍ପତ୍ତି ନେବାଠାରୁ ନିଷ୍ପଲି ନେଇ ନ ପାରିବା ଅଧିକ କ୍ଷତିକାରକ । ଏକ ଗଧର ଉଦାହରଣ ଦେଇ ସେ ବୁଝାଇଥିଲେ, ଭୋକିଲା ଓ ଶୋଷିଲା ଏକ ଗଧ ସାମନାରେ ସମ ଦୂରତାରେ ଯଦି ବିଡ଼ାଏ ଘାସ ଓ ଗୋଟିଏ ଜଳପାତ୍ର ରଖିଦିଆଯିବ, ନିଜର ମୁକ୍ତ ଇଚ୍ଛା ଅଭାବରୁ ସମଦୂରତାରେ ଥିବା ଏହି ଦୁଇଟି ପଦାର୍ଥ ମଧ୍ୟରୁ ପ୍ରଥମେ ସେ କ୍ଷୁଧା ନା ପ୍ରଥମେ ତୃଷା ମେଟାଂଇବ, ସେ ନିର୍ଣ୍ଣୟ ନେଇ ନପାରି ସେଇଠି ପଡ଼ି ଭୋକ ଓ ଶୋଷରେ ମରିଯିବ । ବିକଳ୍ପ ମଧ୍ୟରୁ ପସନ୍ଦକୁ ବାଛି ନ ପାରିବାର ପରିଣତି ଏହିପରି । ବନ୍ଧୁଗଣ, ଆମେ ସବୁ ଜନ୍ମ ନେଇ ନାହେଁ ଭୁଲ୍ କି ଠିକ୍ ନିଷ୍ପତି ବାଛିବାରେ ଜୀବନକୁ ଅପଚୟ କରିବା ପାଇଁ । ଆମର ଉଦ୍ଦେଶ୍ୟ ନିଷ୍ପତିଟିଏ ନେଇ ତାକୁ ଠିକ୍ ସାବ୍ୟସ୍ତ କରିବାପାଇଁ । ଜୀବନରେ ସବୁକିଛି ପାଇଗଲେ ଆଉ କେଉଁ ଆଶାକୁ ନେଇ ନିର୍ଣ୍ଣୟର ଦ୍ୱନ୍ଦ୍ୱ ମଧ୍ୟରେ ରହିବା ଅପୂରଣୀୟ ଇଚ୍ଛା ଓ ତାକୁ ପାଇବାର ଅସରନ୍ତି ଦ୍ୱନ୍ଦ୍ୱ ତ ଜୀବନ ଜିଇଁବାର ଅସଲି ମଜା ! "ଅଗର୍ ସବ୍ କୁଛ୍ ମିଲ୍ ଜାୟେ ଜୀନ୍ଦଗି ମେଁ ତୋ ତମନ୍ନା କିସ୍‌କି କରୋଗେ/ କୁଛ୍ ଅଧୁରି ଖ୍ୱାହିସେ ହି ଜୀନ୍ଦଗି ଜିନେକା ମଜା ଦେତି ହେ ।"

# ସୁନା ଇଲିଶି

ଏହି ପରିପ୍ରେକ୍ଷୀରେ ପ୍ରଶ୍ନ ଉଠିଥାଏ ଯେ ପଶ୍ଚିମବଙ୍ଗର ବର୍ଦ୍ଧିଷ୍ଣୁ ଚାହିଦା ଅର୍ଥାତ୍ ଘରୋଇ ଦାବି ପୂରଣ ନ କରି ଗୁଜରାଟ କାହିଁକି ବାଂଲାଦେଶକୁ ତାହା ରପ୍ତାନି କରୁଛି ? ଏଥିରେ ନିହିତ କାରଣଟି ହେଲା ସ୍ୱାଦ; ପଦ୍ମା ଇଲିଶିର ସ୍ୱର୍ଗୀୟ ସ୍ୱାଦର ତୁଳନା ନର୍ମଦା ଇଲିଶି ସହ କରାଯାଇପାରିବ ନାହିଁ ବୋଲି ଇଲିଶି ବାତୁଳ ବଙ୍ଗାଳୀମାନେ କହିଥାଆନ୍ତି । ସପ୍ତମ-ଅଷ୍ଟମ ଦଶକରେ, ଶିବବ୍ରତ ଦାସଙ୍କ ଦ୍ୱାରା ରଚିତ, ଅକ୍ଷୟ ମହାନ୍ତି ଓ ଗୀତା ପଟ୍ଟନାୟକଙ୍କ ଦ୍ୱାରା ବୋଲା ଯାଇଥିବା ଅତ୍ୟନ୍ତ ଲୋକପ୍ରିୟ ଲଘୁ ସଂଗୀତ 'ସୁନା ଇଲିଶି'ରେ କୁହାଯାଇଛି କିଭଳି ଏକ କୋମଳ ସକାଳେ, ନଈ ପାଣିରେ ପହଁରିଲା ବେଳେ ସୁନା ଭଳି ଝଟକୁଥିବା ଇଲିଶି ମାଛଟିଏ ଦେଖି ତାକୁ ଧରି ଆଣିବା ଲାଗି ଧୀବର ପତ୍ନୀ ଜିଗର କରନ୍ତେ, ଧୀବର ଚେତାଇ ଦେଇ କହୁଛି ଦେବୀ ସୀତାଙ୍କ ସୁବର୍ଣ୍ଣ ମୃଗର ଆକର୍ଷଣ ହେତୁ କିଭଳି ବିପଦ ସୃଷ୍ଟି ହୋଇଥିଲା ଜାଣି ନାହୁଁ କି ? ଅବଶ୍ୟ, ଗୀତଟି ଲମ୍ବିବା ସହିତ କାହାଣୀଟି ଆଗକୁ ଏକ ଭିନ୍ନ ମୋଡ଼ ନେଇଛି, କିନ୍ତୁ, ସୂଚେଇ ଦେଇଛି ଯେ ସୁବର୍ଣ୍ଣ ମୃଗର ଆକର୍ଷଣ, ଦେବୀ ସୀତାଙ୍କ ଭଳି ସ୍ଥିତପ୍ରଜ୍ଞାଙ୍କୁ ମଧ୍ୟ ଚହଲେଇ ଦେଇଥିବା ଭଳି ବର୍ଷାଦିନିଆ ନଦୀ ଇଲିଶିର ସ୍ୱାଦର ଆକର୍ଷଣ ଏଭଳି ଦୁର୍ଲଂଘ୍ୟ ଯେ ତା' ମୋହରୁ ମୁକ୍ତ ହେବା ସହଜସାଧ୍ୟ ବ୍ୟାପାର ହୋଇ ନ ଥାଏ । ତେଣୁ, ଇଲିଶିର ଚାହିଦା, ଉପଲବ୍‌ଧତା ଓ ସ୍ୱାଦର ପ୍ରକାର ଇତ୍ୟାଦିକୁ ନେଇ ସଂପ୍ରତି ଆମ ଦେଶରେ ସୃଷ୍ଟ ଏକ ବିଚିତ୍ର ସ୍ଥିତି ସଂପର୍କରେ ଆଲୋଚନା କରିବାକୁ ଗଲାବେଳେ ଉପରୋକ୍ତ ଶ୍ରୁତିମଧୁର ଓ ମନ ଫୁଲାଣିଆ ଗୀତଟି ଆପଣାଛାଏଁ ମନରେ ଭାସି ଉଠିଥାଏ । ସିରିଲ ରାଡକ୍ଲିଫ ଟାଣି ଦେଇଥିବା ରେଖା ଆଧାରରେ ସ୍ୱାଧୀନତା ପରେ ବଙ୍ଗ ବିଭାଜିତ ହୋଇଗଲା ସିନା, ଯାହା ଅବିଭାଜ୍ୟ ହୋଇ ରହି ଆସିଛି, ତାହା ହେଲା ଇଲିଶି ମାଛ ପ୍ରତି ଉଭୟ ପଟର ଦୁର୍ବାର ଆକର୍ଷଣ । ପ୍ରକାଶ ଥାଉ କି ପୃଥିବୀର ସମୁଦାୟ ଇଲିଶି ଉତ୍ପାଦନର ପ୍ରାୟ ୮୫% ହୋଇଥାଏ ବାଂଲାଦେଶରେ, ଯାହାର ସବୁଠାରୁ ବଡ଼ ଗ୍ରାହକ ହେଉଛନ୍ତି ଇଲିଶି ଆତୁର ଆମ ଦେଶର ବଙ୍ଗାଳୀମାନେ । ଯଦିଓ, ଗଙ୍ଗା ନଦୀର ଦୁଇ ଶାଖା ପଦ୍ମା ଓ ହୁଗୁଳୀ ଯଥାକ୍ରମେ ବାଂଲାଦେଶ ଓ ଭାରତରେ ପ୍ରବାହିତ ହୋଇ ସମୁଦ୍ରରେ ମିଶିଛନ୍ତି, ବର୍ଷାଦିନିଆ ପଦ୍ମା ନଦୀ ଇଲିଶିର ସ୍ୱାଦ ଯେ କିଂବଦନ୍ତିକ, ତାହା ଆମ ପଟର ବଙ୍ଗୀୟମାନେ ମଧ୍ୟ ସ୍ୱୀକାର କରନ୍ତି । ଉଲ୍ଲେଖଯୋଗ୍ୟ ଯେ ଇଲିଶି ଏକ ସମୁଦ୍ର ମାଛ ହୋଇଥିଲେ ହେଁ କେବଳ ପ୍ରଜନନ ସମୟରେ ଅର୍ଥାତ୍ ବର୍ଷା ଋତୁରେ ନଦୀ ସୁଅର ପ୍ରତିକୂଳରେ ଉପରକୁ ଉଠିଥାଆନ୍ତି; ଯହିଁରେ ମାଈ ଇଲିଶି ପ୍ରାୟ ଶହେ କିଲୋମିଟର ପର୍ଯ୍ୟନ୍ତ ଦୂରକୁ ଯାଇ ବିହନ ଦେଉଥିବା ଦେଖାଯାଏ । ଏହି ବିହନଧାରିଣୀ ମାଈ ଇଲିଶି ହିଁ ହୋଇଥାଆନ୍ତି ଆକର୍ଷଣର କେନ୍ଦ୍ର, କାରଣ ନଦୀର ମଧୁର ଜଳର ସଂସ୍ପର୍ଶରେ ସେମାନେ ଅପୂର୍ବ ସ୍ୱାଦଯୁକ୍ତ ହୋଇଉଠନ୍ତି । ଭାରତୀୟ ବଙ୍ଗାଳୀମାନଙ୍କ ସକାଶେ ଇଲିଶି କେବଳ ବ୍ୟଂଜନର ଉପାଦାନ ହୋଇ ନ ଥାଏ, ଏହା ସେମାନଙ୍କ ଜୀବନ ଓ ସଂସ୍କୃତିର ଅଭିନ୍ନ ଅଂଶ ମଧ୍ୟ ହୋଇଥାଏ; ଶାରଦୀୟ ଦୁର୍ଗା ପୂଜାରେ ଇଲିଶି ଏକ ଅନିବାର୍ଯ୍ୟ ଆବଶ୍ୟକତା । ଏହି କାରଣରୁ ୨୦୧୨ ମସିହାରୁ, ଇଲିଶି ମାଛର ରପ୍ତାନି ଉପରେ ବାଂଲାଦେଶ ପକ୍ଷରୁ କଟକଣା ଲଗାଯାଉଥିଲେ ହେଁ ପ୍ରତି ବର୍ଷ ଦୁର୍ଗା ପୂଜା ସମୟରେ, ଭାରତ ସକାଶେ ତାହାକୁ କୋହଳ କରି ଦିଆଯାଏ । ସେମିତି ଭାରତ ସହିତ କୂଟନୈତିକ ଓ ରାଜନୈତିକ ଯୋଗାଯୋଗ କାଳରେ ବାଂଲାଦେଶ ସଖ୍ୟ ପ୍ରଦର୍ଶନର ସଂକେତ ରୂପେ କିଭଳି ଇଲିଶି ମାଛକୁ ବ୍ୟବହାର କରିଥାଏ, ତା'ର ଗୋଟିଏ ଦୃଷ୍ଟାନ୍ତ ହେଲା ୧୯୯୬ ମସିହାର ଗଙ୍ଗା ଜଳ ବଣ୍ଟନ ଚୁକ୍ତି କାଳରେ, ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜ୍ୟୋତି ବସୁଙ୍କୁ ଭେଟି ସ୍ୱରୂପ ପ୍ରଦାନ କରାଯାଇଥିବା ପଦ୍ମା ନଦୀର ଇଲିଶି । ସେମିତି, ୨୦୧୭ ମସିହାରେ, ତିସ୍ତା ଜଳ ବଣ୍ଟନ ଚୁକ୍ତି କାଳରେ ପ୍ରଣବ ମୁଖାର୍ଜୀଙ୍କ ସକାଶେ ଆସିଥିବା ବାଂଲାଦେଶୀ ଇଲିଶିର ଉପହାର ବିଷୟ ତତ୍କାଳୀନ ଗଣମାଧ୍ୟମର ଶିରୋନାମା ମଣ୍ଡନ କରିଥିଲା । ଏଭଳି ସ୍ଥଳେ, ଗଲା ଦୁଇ ତିନି ବର୍ଷ ହେଲା, ପରିସ୍ଥିତି ବଦଳିଯିବା ଏବଂ ବାଂଲାଦେଶ ତା'ର ଏହି ବହୁ ମୂଲ୍ୟବାନ ପ୍ରାକୃତିକ ବିଭବରୁ କ୍ରମେ ବିରହିତ ହେବାକୁ ଲାଗିବାରେ ସେ ଦେଶ ବିଷଣ୍ଣ ହୋଇ ଉଠିବା ସ୍ୱାଭାବିକ । ଏବଂ ଏହି ସଂଦର୍ଭରେ ଯାହା ଅଧିକ ଗୁରୁତ୍ୱପୂର୍ଣ୍ଣ, ତାହା ହେଲା ଭାରତ ହଠାତ୍ ହୋଇ ଉଠିଛି ଇଲିଶିର ପେଣ୍ଠ ଓ ଇତିମଧ୍ୟରେ ବାଂଲାଦେଶକୁ ପ୍ରାୟ ୫୦୦ ମେଟ୍ରିକ ଟନ ଇଲିଶି ରପ୍ତାନି କରି ଏକ ଓଲଟ ଧାରାର ସୂତ୍ରପାତ କଲାଣି । ପରିବେଶବିତ୍‌ମାନେ କହିଥାଆନ୍ତି ଯେ ସମୁଦ୍ର ଜଳର ତାପମାତ୍ରାରେ ବୃଦ୍ଧି, ମୁହାଣରେ ପଟୁ ମାଟିର ବହୁଳତା, ବିହନଧାରିଣୀ ଇଲିଶିଙ୍କ ଅବାଧ ଓ ଅନ୍ଧ ଶିକାର, ବଙ୍ଗୋପସାଗରରେ ପଡ଼ିଥିବା ନଦୀରେ ଅଧିକ ବ୍ୟାରେଜ ଓ ବନ୍ଧ ନିର୍ମାଣ ଇତ୍ୟାଦି ହେତୁ ଇଲିଶି ମାଛ ଦଳ ପୂର୍ବ ଉପକୂଳସ୍ଥ ନଦୀରେ ଉପରକୁ ଉଠିବାର ଧାରାରେ ବ୍ୟାଘାତ ସୃଷ୍ଟି ହୋଇଛି । ବରଂ ସେମାନେ ଆରବ ସାଗରରେ ଠୁଳ ହୋଇ ଅଣ୍ଡା ଦେବା ଲାଗି ନର୍ମଦା ଓ ତାପ୍ତୀ ଭଳି ପଶ୍ଚିମ ଉପକୂଳସ୍ଥ ନଦୀଗୁଡ଼ିକରେ ପ୍ରଚୁର ସଂଖ୍ୟାରେ ଉପରକୁ ଉଠୁଛନ୍ତି ଓ ଧରା ପଡୁଛନ୍ତି । ସୁତରାଂ, ଗୁଜରାଟର ବାରୁଚ ହୋଇଯାଇଛି ଇଲିଶିର ନୂତନ ଗନ୍ତାଘର । ଏହାର ପରିମାଣ କେତେ ଅଧିକ, ତା'ର ଧାରଣା କେବଳ ଏଥିରୁ ମିଳିବ ଯେ ୨୦୨୪-୨୫ ମସିହାରେ ଗୁଜରାଟରେ ୧୨୩ ମେଟ୍ରିକ ଟନ ଇଲିଶି ଧରା ହୋଇଥିବାବେଳେ ୨୦୨୫-୨୬ ମସିହାରେ ତା'ର ପରିମାଣ ହୋଇଛି ୪୬୦୦ ମେଟ୍ରିକ ଟନ । ଏଣୁ, ଗୁଜରାଟରୁ ଇଲିଶି ରପ୍ତାନି ଆରମ୍ଭ ହୋଇଯାଇଛି, ଯେଉଁଠି ଇଲିଶିର ଏକାଧିପତି ଭାବେ ସ୍ୱୀକୃତ ବାଂଲାଦେଶ ଏକ କ୍ରେତା ରୂପରେ ଆବିର୍ଭୂତ ହେଲାଣି । ପ୍ରକାଶ ଥାଉ କି ଇଲିଶି ମାଛ ବିହନର ସବୁଠାରୁ ବଡ଼ ରପ୍ତାନିକାରୀ ଦେଶ ରୂପେ ମଧ୍ୟ ବାଂଲାଦେଶ ପରିଚିତ, ଯେଉଁ ମାନ୍ୟତା ବଜାୟ ରହୁ ବୋଲି ସେ ଦେଶ ଚାହିଁଥାଏ । ତେଣୁ, ଗୁଜରାଟୀ ଇଲିଶି ଆମଦାନି କରି ତହିଁରୁ ବିହନ ପୃଥକ୍ କରି ରପ୍ତାନି କରିବାକୁ ବାଂଲାଦେଶ ଏବେ ବାଧ୍ୟ ହେଉଛି । ଏହି ପରିପ୍ରେକ୍ଷୀରେ ପ୍ରଶ୍ନ ଉଠିଥାଏ ଯେ ପଶ୍ଚିମବଙ୍ଗର ବର୍ଦ୍ଧିଷ୍ଣୁ ଚାହିଦା ଅର୍ଥାତ୍ ଘରୋଇ ଦାବି ପୂରଣ ନ କରି ଗୁଜରାଟ କାହିଁକି ବାଂଲାଦେଶକୁ ତାହା ରପ୍ତାନି କରୁଛି ? ଏଥିରେ ନିହିତ କାରଣଟି ହେଲା ସ୍ୱାଦ; ପଦ୍ମା ଇଲିଶିର ସ୍ୱର୍ଗୀୟ ସ୍ୱାଦର ତୁଳନା ନର୍ମଦା ଇଲିଶି ସହ କରାଯାଇପାରିବ ନାହିଁ ବୋଲି ଇଲିଶି ବାତୁଳ ବଙ୍ଗାଳୀମାନେ କହିଥାଆନ୍ତି । ଇଲିଶିର ସ୍ୱାଦ ସଂପର୍କରେ ଆଲୋଚନା କଲାବେଳେ ସ୍ମରଣକୁ ଆସିଥାଏ ସାହିତ୍ୟ ଏକା ?ଡେମି ପୁରସ୍କାରପ୍ରାପ୍ତ ପ୍ରସିଦ୍ଧ ମଣିପୁରୀ ଲେଖକ ଏନ. କୁଂଜମୋହନ ସିଂହଙ୍କ ଏକ ପ୍ରସିଦ୍ଧ ଗଳ୍ପ, ଯାହାର ନାମ 'ଇଲଶା ଆମାଗି ମାହାଓ' ବା 'ଇଲିଶିର ସ୍ୱାଦ' । ତହିଁରେ ରହିଛି ଚାଓବା ନାମକ ଏକ ଅତ୍ୟନ୍ତ ଦରିଦ୍ର ଧୀବରର କଥା, ଯିଏ ବାରାକ ନଈରେ ମାଛ ମାରି ପେଟ ପୋଷେ ସିନା, ମାଛର ସ୍ୱାଦ ଆସ୍ୱାଦନ କରିବାର ସୌଭାଗ୍ୟ ପାଏନାହିଁ; କାରଣ ଅତି ଦାରିଦ୍ର୍ୟ ହେତୁ ଧରୁଥିବା ମାଛତକ ବିକ୍ରି କରିଦେବା ଛଡ଼ା ଗତ୍ୟନ୍ତର ନ ଥାଏ । ତେବେ, ଦିନେ ତା' ଜାଲରେ ପଡ଼େ ଏକ ବିରଳ ଇଲିଶି ! ଇଲିଶି ସ୍ୱାଦର ଅବିମୋଚନୀୟ ଆକର୍ଷଣ ହେତୁ ଚାଓବା ସ୍ଥିର କରେ ତାକୁ ବିକ୍ରି ନ କରି ଅନ୍ତତଃ ପରିବାର ସହିତ ତାକୁ ଭୋଜନ କରିବ । କିନ୍ତୁ, ବ୍ୟାଧିଗ୍ରସ୍ତା ପତ୍ନୀ, ଚାଉଳ ଶୂନ୍ୟ ରୋଷେଇ ଘର, ଅର୍ଦ୍ଧାହାର କ୍ଲିଷ୍ଟ ପରିବାର ସଦସ୍ୟଙ୍କ ସମକ୍ଷରେ ତା'ର ନିଷ୍ପତି ବଦଳେ । ଶେଷରେ ଇଲିଶିଟିକୁ କିଣି ନିଏ ତା'ର ଧନିକ ପଡ଼ୋଶୀ । କହିବା ବାହୁଲ୍ୟ, ସେ ଦିନ ପଡ଼ୋଶୀର ଘରୁ ଭାସି ଆସୁଥିବା ଇଲିଶି ଝୋଳର ମହକ ଚାଓବାର ଛାତିକୁ ବିଦୀର୍ଣ୍ଣ କରି ପକାଏ । ଗଳ୍ପଟି ସଂକେତଧର୍ମୀ ଓ ବହୁସ୍ତରୀୟ, ଯେଉଁଠି ଅତୁଳ୍ୟ ସ୍ୱାଦ ହେତୁ ଇଲିଶି ପ୍ରତି ଦୁର୍ବାର ଆକର୍ଷଣ ତାକୁ ଏକ ସଂପଦରେ ପରିଣତ କରିଥାଏ, ଯେମିତି ତାହା ସତରେ ସୁନା ଇଲିଶି ! ପ୍ରକୃତିର ପ୍ରସାଦରୁ ଭାରତ ଏବେ ସୁନା ଇଲିଶିର ଖଣିରେ ପରିଣତ ହେବାକୁ ବସିଛି । କିନ୍ତୁ ଲୋଭ ଜନିତ ମାତ୍ରାଧିକ ଦୋହନ କାରଣରୁ ଯଦି ପ୍ରକୃତି ବାଂଲାଦେଶ ଭଳି ଭାରତ ପ୍ରତି ମୁହଁ ମୋଡ଼ିଦିଏ, ତେବେ ଭାରତ ଯେ ଏକ ବଡ଼ ସୁଯୋଗ ହରାଇବ, ତାହା କହିବା ବାହୁଲ୍ୟ ମାତ୍ର ! ଭୁଲିଗଲେ ହେବ ନାହିଁ ଯେ ସୁନା ଇଲିଶି ମଧ୍ୟ ଲୋଡ଼ିପାରେ ମହାର୍ଘ୍ୟର ମର୍ଯ୍ୟାଦା !

# ଶୟନ

### ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଆହର ସମସ୍ତଙ୍କ ଥିବା ପରି ଶୟନ ସମସ୍ତଙ୍କ ଅଛି, ସେ ଯେ କୌଣସି ଜୀବ, ଜନ୍ତୁ, ମନୁଷ୍ୟ, ଉଦ୍ଭିଦ ମରଲୋକର ହୁଅନ୍ତୁ ଏହି ଧାରାରୁ ବାଦ ନୁହଁନ୍ତି । ଏମିତିକି ଦେବତା ଯେ ନର ଗଣ ଅର୍ପିତ ପ୍ରସାଦର ସୂକ୍ଷ୍ମ ଅଂଶ ଗ୍ରହଣ କରିବା ଅନୁଭବ ହୁଏ ସେମାନେ ବି ଶୟନ କରିବାବି ମାନବୀୟ ଅନୁଭବ ଶାସ୍ତ୍ର ମାନଙ୍କରେ ଲିଖିତ ରହିଛି । ଅନେକଙ୍କ ଦେବାଳୟ ବା ଠାକୁର ଘରେ ରାତ୍ରୀ ହେଲେ ଯଦି ଗୁରୁଦେବ ଓ କୌଣସି ଦେବତାଙ୍କ ପ୍ରତିମା ବା ପ୍ରତିମୂର୍ତ୍ତି ବା ଫଟୋ ଚିତ୍ର ପୂଜା ସେବା ହେଉଥାଏ ତେବେ ସେମାନେ ନିଜେ ରାତ୍ର ପୂଜା ଆରତୀ ପରେ ଦେବଶୟନ ପାଇଁ ସୁନ୍ଦର ଶଯ୍ୟା ଦି ବ୍ୟବସ୍ଥା କରି ଗୃହ ବନ୍ଦ କରି ସେ ଦିନ ପାଇଁ ଠାକୁର ଘରୁ ଦୂରେଇ ରହି ସ୍ୱ ବିଶ୍ରାମକୁ ଯାଆନ୍ତି । ପ୍ରତ୍ୟେକ କାର୍ଯ୍ୟ ଗୁରୁ ହୁଅନ୍ତୁ ବା ଇଷ୍ଟ ଦେବତା ତାଙ୍କ ଦିବ୍ୟ ଦୃଷ୍ଟିରେ ସବୁ କାର୍ଯ୍ୟ ତାଙ୍କ ଉପାସକ ଉପସିକାଗଣଙ୍କ ସଂଦର୍ଶନ କରୁଛନ୍ତି । ଏହି ଭାବ ଆସିଲେ ଯେ କେହି ଅନ୍ୟାୟ, ଅନୀତି, ଅଶାସ୍ତ୍ରୀୟ କାର୍ଯ୍ୟ କେବେ କରିପାରଂ ନାହିଁ । ଯଦି କେହିବି କରିଥାଏ ସେ ବାରମ୍ବାର ଏପରି ସେବା ଆଶ୍ରୟରେ ସଂସ୍କାରିତ ହୋଇଯାଆନ୍ତି । ରାଗ, କ୍ରୋଧ, ହିଂସା, ଆକ୍ରୋଶ, ଲୋଭ, କାମାତୁର ଭାବ, ଦେବଗୁରୁଙ୍କ ବାରବାର ସାନ୍ନିଧ୍ୟରୁ ଦିଗବଦଳ କରେ । ଦେବତା ଗ୍ରହଙ୍କ ସ୍ଥିତି ଅଦୃଶ୍ୟ କିନ୍ତୁ ତାଙ୍କ ପ୍ରତିନିଧି ସଂସାରରେ ଦୃଶ୍ୟ କେହି ବି ଯଦି ଐତିହାସିକ ନାଟକ ଡ୍ରାମା ବା ସାମାଜିକ ନାଟକ ଡ୍ରାମା ଦେଖୁଥାନ୍ତି ଦେଖିବେ ନାଟକ ଡ୍ରାମାରେ ଚରିତ୍ର ଗୁଡ଼ିକ କଳ୍ପିତ ଚରିତ୍ର । ଯାହା ପୂର୍ବରୁ ଥିବା ବା ଘଟୁଥିବା ସମୟର ସତ୍ୟ ଆଧାରର ଛାୟା ଚରିତ୍ର ମାତ୍ର, ପିତୃ, ମାତୃ, ବଡ଼ଭାଇ ସାନ ଭାଇ, ପୁଅ, ଝିଅ, ସ୍ୱାମୀ, ସ୍ତ୍ରୀ ଅନ୍ୟାନ୍ୟ ସମ୍ପର୍କୀୟ, ଶତ୍ରୁ, ମିତ୍ର, ରାଜା, କାନୁନ, ପାପ, ପୁଣ୍ୟ, ଧର୍ମ, ଅଧର୍ମ, ଖାଦ୍ୟପେୟ, ଭୋଗ୍ୟ, ଅଭୋଗ୍ୟ ସବୁ ଗ୍ରହଙ୍କ ପ୍ରତିନିଧି ରୂପେ ରହିଛନ୍ତି । ପ୍ରତ୍ୟେକଙ୍କ ପାଇଁ ଇଷ୍ଟ ଦେବ ମୂର୍ତ୍ତିମାନ କଳ୍ପିତ ଦେବତାଙ୍କର ଓ ଗୁରୁଙ୍କ ପ୍ରତିକୃତି ଚିତ୍ର ଛବି ଗୁରୁଙ୍କ ନିତ୍ୟ କାଳର ଏକ ସ୍ଥିର ଅବସ୍ଥା ମାତ୍ର । ଏହା ଉପାସନାକାରୀଙ୍କୁ ପ୍ରେରଣା ଯୋଗାଏ ସ୍ଥିରୋଭାବ । ସେମାନଙ୍କ କଥିତ ଉପଦେଶମାନ ଦେଇ ଯାହା ତାଙ୍କ ପ୍ରକଟ କାଳରେ ଦେଇ ସମସ୍ୟା ସମାଧାନ କରୁଥିଲେ ତାହା ତାଙ୍କର ଅପ୍ରକଟ ହେବା ପୂର୍ବରୁ ସ୍ଥିର ଭାବରେ ଲେଖି ରଖି ପୋଥି ବା ଛପା ପୁସ୍ତକରେ ପ୍ରକାଶ ତାଙ୍କ ଶିଷ୍ୟ ଭକ୍ତ ପାଇଁ ଯାଇଛନ୍ତି । ବିରାଟ ଶିଖ ସମ୍ପ୍ରଦାୟ ଗୁରୁଗ୍ରନ୍ଥ ସାହେବକୁ ସଦା ମାନି ଚଳିବା ଦେଖାଯାଏ । ଗୁରୁ ବାକ୍ୟକୁ ଆଚରଣ ପୋଷାକରେ ପରିଧାନରେ ଏପରି ଲଗାଇଛନ୍ତି ଯେ ମୁଣ୍ଡର ପଗଡ଼ି ଛାଡ଼ି ପୋଲିସ ସେନାର ଚାକିରୀରେ ବିହିତ ଟୋପି ପିନ୍ଧୁ ନାହାଁନ୍ତି । ଏପରିକି ହେଲମେଟ ଦ୍ୱିଚକ୍ର ଯାନ ଚାଳନା କାଳରେ ଲଗାଉନାହାନ୍ତି । ଏଠାରେ ରାଜ କାନୁନ ତାଙ୍କ ଗୁରୁ ବାକ୍ୟକୁ ମାନ୍ୟତା ଦେଉଛନ୍ତି । ଏମିତି ବହୁ ଧର୍ମର ମୌଳିକ ନିୟମକୁ ଆମ ଦେଶରେ ମାନ୍ୟତା ଦିଆଯାଉଛି । ଏବେ ଆମର ବ୍ୟବହାରିକ ପରମ୍ପରାରେ ଅନ୍ୟ ସ୍ଥାନ ଅଚଂଳର ଏପରିକି ଅନ୍ୟ ଜାତି ପାଟକ ସମ୍ପ୍ରଦାୟଙ୍କ ବ୍ୟବହାରିକ ପରମ୍ପରାର ଛାୟା ପଡ଼ି ହୋଇ ବିକୃତ ଗଲାଣି । ଦେଖନ୍ତୁ କନ୍ୟା ଯାଇ ବର ଘରେ ବିବାହ କେବେ ଦେଖିବାକୁ ମିଳୁନାହିଁ । ଯାହା ତୋଳା କନ୍ୟା ବିବାହ । ବରଯାଇ କନ୍ୟା ଘରେ ବିବାହା କରିବା ପଦ୍ଧତି ଯାହା ପାନିକି ଚଢ଼ା ବିବାହ ନିୟମରେ ନ ହୋଇ କନ୍ୟା ଘରକୁ ବର ନଯାଇ ଏକ ଭିନ୍ନ ସ୍ଥାନ କଲ୍ୟାଣ ମଣ୍ଡପ ବା ହୋଟେଲରେ ବିବାହ କାର୍ଯ୍ୟ କରାଗଲାଣି । କେହି ବି ପତ୍ର ପକାଇ ଭୋଜନ ବସି କରୁନାହାନ୍ତି । ଠିଆ ଠିଆଥାଳି ଧରି ମାଗନ୍ତା ମୁଦ୍ରାରେ ଖାଦ୍ୟରେ କାଦ୍ୟ ମାଗି ଭୋଜନ କରୁଛନ୍ତି । ଶଙ୍ଖୁଆ ଏକ ଶ୍ରେଣୀ ଏହାଙ୍କୁ ଶୁଭ କାର୍ଯ୍ୟରେ ଖୋଜା ଥିଲା, ଏବେ ଯିଏମାନେ ସେ ଶଙ୍ଖ ବଜାଉଛନ୍ତି । ଏମିତି ଅନେକ ପରିବର୍ନ୍ତନରେ ଉଖୁଡ଼ା ହାଣ୍ଡି, ଫେଣା ହାଣ୍ଡି, ବିଲୁପ୍ତ । ଏହିପରି ଏକ ବିଶେଷ ପରମ୍ପରା 'ଦିଅଁ ଶୋଇଲେ, ଝିଅ ଜେମା ଦେଇ, ଘରେ ରହିଲେ ଏସବୁ ବିଗତ କାଳର ପରମ୍ପରା, ଚତୁର୍ମାସ୍ୟା ଯେ କୌଣସି ଚାରି ମାସକୁ ନେଇ କୁହାଯାଏ ନାହିଁ । କେବଳ ଆଷାଢ଼ ଶୁକ୍ଳ ଏକାଦଶୀରୁ କାର୍ନ୍ତିକ ଶୁକ୍ଳ ଏକାଦଶୀ ସମୟ, ହରିଶୟନୀ ମହାପ୍ରଭୁ ଜଗନ୍ନାଥଙ୍କ ଓଲଟ ବା ବାହୁଡ଼ା ରଥଯାତ୍ରାରେ ସୁନାବେଶ ଠାରୁ କାର୍ନ୍ତିକ ମାସ ଶୁକ୍ଳ ଏକାଦଶୀ ଯାଏ ହରିଶୟନ । ଶୟନରୁ ଉତ୍ଥାନ କାଳ ଠିକ ମଧ୍ୟରେ ପାର୍ଶ୍ୱ ପରିବର୍ନ୍ତନ, ଏପରି ତିନି ମୁଖ୍ୟ ଏକାଦଶୀ ସମ୍ବନ୍ଧଚତୁର୍ମାସ୍ୟା । ଏହି ସମୟରେ ବର୍ଷାଋତୁ । ବର୍ଷା ଦିନ ଖାରିଫଧାନ ଫସଲର ସମୟ ଆମ ରାଜ୍ୟ କୃଷି ପ୍ରଧାନ ରାଜ୍ୟ, ଭାତ ଆମର ପ୍ରଧାନ ଖାଦ୍ୟ । ପୁଣି ଚାଉଳରୁ ଅନେକ ପ୍ରକାର ଶାଖା ଖାଦ୍ୟ ଯଥା ଖଇ, ମୁଢ଼ି, ଚୁଡ଼ା, ଉଖୁଡ଼ା, ହୁଡୁମ୍ବ ଚାଉଳ ଚୁନା ବା ବଟାରୁ ନାନା ପ୍ରକାର ପିଠା ପ୍ରସ୍ତୁତ ହୁଏ । ଏହି ବର୍ଷା ଉପରେ ନିର୍ଭର କରି ଶାରଦ ଧାନ ଚାଷ । ଏହି ଚାରି ମାସର ସମୟ ନିର୍ଘ[ରେ ରହିଛି ଭୂଦେବୀ ଓ ଶ୍ରୀଦେବୀ ପ୍ରଭୁଙ୍କର ନିତ୍ୟ ସେବାରେ ନିମଗ୍ନ । ଏହି ଶ୍ରୀ ଦେବୀ ଶସ୍ୟ ସମ୍ଭାର ପ୍ରଦାୟିନୀ ଅନ୍ନ ଦାୟିନୀ । ସର୍ବ ଜୀବ ପୋଷଣ କାରିଣୀ ମାଆ ପୃଥିମାତା ଭୂଦେବୀ ଏହି ଦୁଇ ମା ପରସ୍ପର ସମଝୋତାରେ ଓ ଇନ୍ଦ୍ରଙ୍କ ସମୟ ଅନୁଯାୟୀ ବର୍ଷଣ କାଳରେ ମନୁଷ୍ୟ ମାନଙ୍କର ଆହାର ମିଳୁଛି । କାଳଙ୍କର ହାତ ନାହିଁ କାଳ ମାନେ କାହାରି ହାତଦ୍ୱାରା କାର୍ଯ୍ୟ ସାଧନ କରନ୍ତି । ଭୂଦେବୀଙ୍କ କାର୍ଯ୍ୟ ଭୂମି ପୁତ୍ରଙ୍କ ଦ୍ୱାରା ସାଧିତ ହୁଏ ଭୂମିପୁତ୍ରରେ ଏକ ହେଉଛନ୍ତି କୃଷକମାନେ ଆଉ ତାଙ୍କ ଠାକୁର ହଳାୟୁଧ ପ୍ରଭୁ ବଳରାମ । ରଥଯାତ୍ରାର ଆଗୁଆ ଯାତ୍ରୀ ବଳରାମ । ସେପରି କୃଷକ ଆଗୁଆ ଅନ୍ନ ଚିନ୍ତକ, ସେମାନେ କୃଷିର ଅବହେଳା କଲେ ଆଗକୁ ଲୋକେ ଖାଇବେ କ'ଣ ? ଅନ୍ନ ବହୁନେ ହଂସ ହାନି । ଯୋଗ ସାଧିବୁ କାହାଘେନି । ମାଳିକାରେ ଅଛି, ଆଗେ ମରିବେ ସୂତ୍ରଧାରୀ, ମଧ୍ୟେ ମରିବେ ବଣିକାରୀ, ଶେଷେ ମରିବେ କୃଷିକାରୀ । କୃଷକମାନେ ନଖାଇ ଆଗ ବିହନ ସଂଚୟ କରି ରଖନ୍ତି । ଚାଷୀ ହୁଡ଼ିଲେ ବର୍ଷେ, ନଦୀବଢ଼ି, ମରୁଡ଼ି ଯାହା ହେଲେ ସବୁ ବର୍ଷ ହେଉନାହିଁ ବିହନ ବଟିଂଲେ କି ଥିଲେ ଆଗାମୀକୁ ଚାଷ ଉଠିପାରିବ ଏ ଭରସା କୃଷକଙ୍କ ରହି ଆସିଛି । ଏହି ଚାରିମାସ ଶହେ କୋଡିଏ ଦିନ ଚାଷୀ ଚାଷ ଶ୍ରମିକ ଭୂଦେବୀ ଶ୍ରୀଦେବୀଙ୍କ ସେବାରେ ପାଣି, କାଦୁଅ, ଖରା, ବର୍ଷାରେ ଏକ ଲୟରେ ମାଙ୍କୁ ସବୁଜାମ୍ବରୀ ପିତାମ୍ବରୀ ଶସ୍ୟ ଶ୍ୟାମଳା କରିବା ସାଧନାରେ ଲିପ୍ତ ରହନ୍ତି । ଧାନ ଉଠିଲେ ସବୁ ଲୀଳା ନହେଲେ ସବୁ ବିଫଳ । ଏ ପାଇଁ ଠାକୁରେ ଶୟନ କଲେ ଏ ଲୀଳା ଚାରିମାସ, ଚାଷ ଛାଡ଼ି କେଉଁ କୃଷକ କେବେ ତୀର୍ଥ କରି କେବେ ଯାଆନ୍ତି ନାହିଁ । ଆଗତ୍ୟା ଗୃହରେ ମରିଯାଇ ଥିବା ବ୍ୟକ୍ତିଙ୍କ ଅସ୍ଥି ବିସର୍ଜନ, ଗୟାଶ୍ରାଦ୍ଧ ପାଇଁ ପୁଣି ଅପରପକ୍ଷ ଶ୍ରାଦ୍ଧ ପୟା ଶ୍ରାଦ୍ଧ ଏହି ଦକ୍ଷିଣାୟାନ ପିତୃପକ୍ଷର ସମୟରେ କରାଯାଏ ଯହିଁରେ ସବୁ କୃଷିକାରୀ ଜଡ଼ିତ ନୁହଁନ୍ତି । ପ୍ରତି ଜୀବ ଶୟନ କରନ୍ତି । ମନୁଷ୍ୟ ତାର ଚିନ୍ତନର ଶ୍ରେଷ୍ଠ ଅତି ସୁନ୍ଦର ଶଯ୍ୟା ସ୍ୱ ଅର୍ଜନ ଅର୍ଥବଳରେ ଶଯ୍ୟା ଗୃହଖଟ ପଲଙ୍କ ଶଯ୍ୟା ଦ୍ରବ୍ୟ ବ୍ୟବହାର କଲାବେଳେ ସ୍ୱଇଷ୍ଟଙ୍କ ନିମିନ୍ତ ଆହୁରି ମୂଲ୍ୟବାନ ଯୋଗାଡ଼ କରି ଦେବ ଉଦ୍ଦେଶ୍ୟରେ ଅର୍ପଣ କରିଥାନ୍ତି । ଏ ସମୟରେ ଝଡ଼ ତୋଫାନ ସମୟ ପ୍ରଭୁ ବରୁଣ ରାଜଙ୍କ ଜାମାତା ସେ ତାଙ୍କ ଶ୍ୱଶୁର ଘରେ ତହାଳ ଶୟନ କରନ୍ତି ହେଲେ ଯୋଗନିଦ୍ରାରେ ଥାଆନ୍ତି । ସାଗରରୁ ହିଁ ଝଡ଼ର ସୃଷ୍ଟି ଏହା ପ୍ରଭୁଙ୍କ ଅଗୋଚରରେ କେବେ ସାଗର ଦିଗରୁ ଆସି ନପାରେ । ମନୁଷ୍ୟ ଏବେ ଅନେକ ଅସୁର ଚରିତ୍ର ଧାରୀ, ନିଜକୁ ସର୍ବେସର୍ବା ଚିନ୍ତନକାରୀ । ସବୁ ବିଜ୍ଞାନ ଭାବନା ଘଟଣା କିନ୍ତୁ ପ୍ରାକୃତିକ ତାଣ୍ଡବ ଏପରି ହୋଇପାରେ ଏପାଇଁ ଦେବ ଶୟନ କାଳରେ ଅନେକ ଉପାସନା ପୁଣି ଯୋଡ଼ା ଯାଇଛି । ଅକାଳ ବୋଧନ, ବଳଭଦ୍ର ଜନ୍ମ, ଭାଗବତ ଜନ୍ମ, ହରିଜନ୍ମ ଗଣେଶ ଜନ୍ମ, ବାମନ ଜନ୍ମ, ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, କାଳୀ ପୂଜା, ତୁଳସୀ ବିବାହ, ଗୋବର୍ଦ୍ଧନ ପୂଜା, ବଡ଼ ଓଷା ପାଳିତ ହେଲେ ବି ପ୍ରକୃତିକୁ ଶାନ୍ତ ପାଇଁ ଏ ସବୁ ପୂଜା ପାର୍ବଣ ଯୋଡ଼ାଯାଇଛି । ଆଦିବାସୀମାନେ ଜଙ୍ଗଲକୁ ମା, ପୃଥିବୀକୁ ଧରଣୀ ପେନୁ ପାର୍ବତକୁ ଦେବତା ରୂପେ ବିଶେଷ ମାନ୍ୟତା ଦେଉଥିଲାବେଳେ ଆଧୁନିକ ବିଜ୍ଞାନ ଶାସ୍ତ୍ର ପଢ଼ା ଲୋକେ ଜଙ୍ଗଲ ନଷ୍ଟ, ପାହାଡ଼କୁ ଡିନାମାଇଟରେ ଫଟାଇ ବୃକ୍ଷ ମାନଙ୍କୁ ବିଲୋପ କରି କଳ କାରଖାନା ରାସ୍ତା ଆଲିଶାନ ବଙ୍ଗଳା କରିବା ଦ୍ୱାରା ଯେଉଁ ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ବର୍ଷ ଭୋଗ ହେଉଛି ସେତିକି ବେଳକୁ ତ୍ରାହି ଚିତ୍କାର ଶୁଣାଯାଉଛି । ଏହା ବହୁବର୍ଷ ପୂର୍ବରୁ ଅନୁମାନ କରାଯାଇ ଦିଅଁ ଶୟନ କ୍ଷୀର ସାଗରରେ କଳ୍ପନା ଏହି ସମୟରେ ଧାର୍ଯ୍ୟ କରାଯାଇଛି । ନିଜକୁ ପୁରୁଷୋନ୍ତମ ବୋଲାଇ ଧ୍ୱଂସ ଦିଗକୁ ପୃଥିବୀକୁ ଭିଡ଼ିନେବା ପଥ ବାରମ୍ବାର ଫର୍ଚ୍ଚା ଲମ୍ବା ହେବାକୁ ଲାଗିଲାଣି । ପ୍ରଳୟ ଦିଗ ସଂକୁଚିତ ପ୍ରଥାକୁ ଖୋଲି ଲୋକେ ପୁରୁଷୋନ୍ତମ ହେବା ଚିନ୍ତନ ବ୍ୟାପକ । ଏମିତି ଧକା ଖାଇ ବି କେହ ବି ବୁଝୁନାହାନ୍ତି । ପୁରୁଷୋନ୍ତମର ନୂଆ ବ୍ୟାଖ୍ୟାରେ ପାଠ ନଥାଇ ଡକ୍ଟର, ଡକ୍ଟରେଟ, ପଣ୍ଡିତ, ନେତା ଏପରି ଅନେକ । ଦାଶିଆ ବାଉରୀ, ବନ୍ଧୁ ମହାନ୍ତିଙ୍କ ପରି ଭକ୍ତ ମିଳିବା ଦୁଷ୍କର । ଯେଉଁମାନେ କି କେବେ ନିଜକୁ ଭକ୍ତ ଡିଣ୍ଡିମ ପିଟିନଥିଲେ ହେଲେ ଅନେକ ଏବେ ଠାକୁର, ଗୁରୁଙ୍କ ଭକ୍ତ କହି ଚାଲିଛନ୍ତି । ଭକ୍ତର ଲକ୍ଷଣ କଣ କାହାକୁ ବି ଜଣାନାହିଁ । ଗୁରୁ ଗିରିରେ ଅନେକ ଭେକ ଧାରୀ କିନ୍ତୁ ଶିଷ୍ୟ ଶିଷ୍ୟାଙ୍କର ଦୁଃଖ ସେମାନେ ହରଣ ଜାଣନ୍ତି ନାହିଁ । ଭକ୍ତମାନେ କଳ୍ପନା ଚକ୍ଷୁରେ ଦେବତାଙ୍କ ବା ଉପାସ୍ୟଙ୍କ ଲୀଳା ବୁଝନ୍ତି ଉପଯୁକ୍ତ ଗୁରୁ ଦୀକ୍ଷା ଦେଇ ସେ ଲୀଳାକୁ ଭଲ ଭାବରେ ବୁଝାଇ ପାରନ୍ତି, ବ୍ରତୀ କରାଇପାରନ୍ତି । ନାଭୀ ଶକ୍ତି, ବ୍ରହ୍ମ ସ୍ଥାନ ଗୁରୁତ୍ୱପୂର୍ଣ୍ଣ ତଥ୍ୟ । ଭଗବାନ ବିଷ୍ଣୁ ଶୟନ କରିବା ବେଳେ ତାଙ୍କ ନାଭୀରୁ ଉର୍ଦ୍ଧଗାମୀ ପଦ୍ମରେ ବ୍ରହ୍ମା ରହି ସୃଷ୍ଟି କରନ୍ତି । ପ୍ରତ୍ୟେକ ପାଇଁ ଏକ ବିଶେଷ ଶାସ୍ତ୍ର ବାର୍ତ୍ତା ଶୟନେ ପଦ୍ମନାଭଂ ଶୟନ କାଳରେ ଭଗବାନଙ୍କ ଏହି ଲୀଳା ସ୍ମରଣ କରିବାକୁ ହେବ । ନାଭୀ ତଥ୍ୟ ଅଣୁ ପରମାଣୁ ବିଦ୍ୟା ସହ ଜଡ଼ିତ ବ୍ରହ୍ମା ପଦ୍ମଯୋନୀ । ଯୋନ ସୃଷ୍ଟିର ଆଧାର ପଦ୍ମକର ପାଖୁଡ଼ା ପରି ନାଭୀ କେନ୍ଦ୍ରକୁ ଇଲେକ୍ଟ୍ରନମାନେ ଅହରହ ଘୁରୁଛନ୍ତି । ସୃଷ୍ଟି ସମ୍ଭବ ଜଡ଼ ଚେତନ ସହମେଳରେ ଯାହା ପ୍ରଜାପତି ବ୍ରହ୍ମାଙ୍କ କାମ । ସବୁ ଚେତନ ଜଡ଼ରେ ଅଣୁ ବିଦ୍ୟମାନ । ଅଣୁରେ ନାଭୀ ଆଉ ଏପରି ଇଲେକ୍ଟ୍ରନର ପାଖୁଡ଼ା ଦୃଶ୍ୟ କିନ୍ତୁ ମନୁଷ୍ୟ ଖାଲିଚକ୍ଷୁରେ ଦେଖି ନପାରେ । ଜୀବାଣୁ ଦେଖିବା ପାଇଁ ବିଜ୍ଞାନୀ ଆଣୁବିକ୍ଷୀଣ ଯନ୍ତ୍ର ବାହାର କରିଛନ୍ତି । ସୂକ୍ଷ୍ମ ଦର୍ଶନ ପାଇଁ କେବଳ ପରୀକ୍ଷାଗାରରେ ଅତି ମୂଲ୍ୟବାନ ଯନ୍ତ୍ର ରହିଛି । ସୃଷ୍ଟି ରହସ୍ୟ ଭେଦ କରିବା ପାଇଁ ସମସ୍ତେ ଉତ୍ସୁକ । ହେଲେ ଏହା ଅତିମାନସ ଜ୍ଞାନର ପରିସର ବିଦ୍ୟା । ଏହା ଗଣିତରେ ସ୍ଥିର କରିବା ସହଜ ନୁହେଁ । ଦର୍ଶନଶାସ୍ତ୍ରବିତ ଏହାର ବିବରଣୀ ବୁଝାଇ ପାରନ୍ତି । ଦେବ ଶୟନରେ ଏହି ସବୁର ଲୀଳା ଲୁଚି ରହିଛି । କାଳ ଆଉ କାଳୀ, ଶବ ଆଉ ଶିବ ଏହି ଶୟନ କାଳରେ ଉପାସନା ଓ ରଓ କଳ୍ପନା ବିଷୟ । ତାମସିକ ଆସୁରୀ ଶକ୍ତିର ପ୍ରାବଲ୍ୟ ଧ୍ୱଂସକାରୀ ସାତ୍ତ୍ୱିକ ଦେବ କୁମାରୀଙ୍କ ରାଜସିକ ରୂପରେ ଉପାସନା ଏହି ସମୟରେ ରହୁଛି । ତାମସିକ ଶକ୍ତି ପ୍ରାବଲ୍ୟ ଅତିରିକ୍ତ ସଦା ଅସହ୍ୟ । ଏହା ନାରୀଶକ୍ତିର ଜାଗରଣରେ ହୋଇ ପରେ ପୁଣି ଯୁବତୀ ଅବିବାହିତ କନ୍ୟାଙ୍କ ଦ୍ୱାରା ପୁଣି କନ୍ୟା ସଂଗଠନ ଶକ୍ତି ଦ୍ୱାରା ହୋଇପାରେ । ଏହି ଦେବଶୟନ କାଳରେ ଆଦର୍ଶ ରୂପେ ରଖାଯାଇଛି । ଦେବ ଶୟନରେ ବିଷ୍ଣୁ ଗରୁଡ଼ କାମଦେବ ଶିବଙ୍କ ପରି ଶକ୍ତିମାନେ ଶୟନ କାଳରେ ଦେବୀମା ଶୟନ ନକରି ବହୁ ବିଳମ୍ବରେ ଶୟନ କରି ଅକାଳବୋଧନରେ ଆଶ୍ୱିନ ଶୁକ୍ଳ ଷଷ୍ଠୀରେ ଜାଗରଣ କରାଯାଏ । ସବୁ ପରିବାରରେ ମାଆମାନେ ବିଳମ୍ବରେ ଶୟନ କରନ୍ତି ଅନ୍ୟମାନେ ଜଗିବା ପୂର୍ବରୁ ନିଜେ ଶଯ୍ୟା ତ୍ୟାଗ କରି ଦ୍ୱାରଫିଟା ଅଗଣା ମାର୍ଜନା ଆଦି କାମ କରିବା ଦେଖାଯାଉଛି । ଏ ମାତୃକଳା ହୁଏତ ସେହି ବିଶ୍ୱ ଜନନୀଙ୍କ ଗତାନୁଗତିକ ବା ପାରମ୍ପାରିକ କଳା । ପାର୍ଶ୍ୱ ପରିବର୍ତ୍ତନ, ସବୁ ଶୟନରତ ବ୍ୟକ୍ତିଙ୍କ ହୁଏ । (କ୍ରମଶଃ)

## ଏଲନିନୋ ପ୍ରଭାବରେ ରାଜ୍ୟରେ ଅଧିକ ବର୍ଷା ଓ ବନ୍ୟା

ଭୁବନେଶ୍ୱର : ଜୁଲାଇ ପ୍ରଥମ ସପ୍ତାହରୁ ସେପ୍ଟେମ୍ବର ମଧ୍ୟଭାଗ ସୁଦ୍ଧା ରାଜ୍ୟରେ ହାରାହାରି ୧୨୬୪ ମିଲିମିଟର ବର୍ଷା ହୋଇଛି ଯାହାକି ସାଧାରଣ ବର୍ଷା ଠାରୁ ପ୍ରାୟ ୨୩ ପ୍ରତିଶତ ଅଧିକ । ଏହି ଅଧିକ ବର୍ଷା କାରଣରୁ ରାଜ୍ୟରେ ବନ୍ୟା ଆସି ୨୧ଟି ଜିଲ୍ଲାରେ ଫସଲ ପ୍ରଭାବିତ ହୋଇଛି । ଏଲନିନୋର ପ୍ରଭାବ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଟିଆ । ମନ୍ତ୍ରୀ କହିଛନ୍ତି ଯେ ଚଳିତବର୍ଷ ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଓଡିଶାର ଗ୍ରୀଷ୍ମକାଳୀନ ମୌସୁମୀ ବର୍ଷାଜନିତ ଜଳବାୟୁ ଉପରେ ଏଲନିନୋର ପ୍ରଭାବ ଗଭୀର ଭାବେ ପରିଲକ୍ଷିତ ହୋଇନାହିଁ । ତେବେ ଆଇଏମଡିର ପୂର୍ବାନୁମାନରେ ଦକ୍ଷିଣ-ପଶ୍ଚିମ ମୌସୁମୀ ଋତୁ ସମୟରେ ଏଲନିନୋ ସୃଷ୍ଟି ହେବାର ସମ୍ଭାବନା ଦର୍ଶାଯାଇ ଓଡିଶାରେ ସାଧାରଣରୁ କମ ବର୍ଷା ହେବା ନେଇ ଆକଳନ କରାଯାଇଥିଲା । ତେବେ ଜୁନ ମାସରେ କୌଣସି ଲଘୁଚାପ ସୃଷ୍ଟି ନହେବାରୁ ୧୧୦ ମିଲିମିଟର ବର୍ଷା ହୋଇଥିଲା । ପରବର୍ତୀ ସମୟରେ ଲଘୁଚାପ ଯୋଗୁଁ ଜୁଲାଇରେ ୬୨୭ ମିଲିମିଟର ଓ ଅଗଷ୍ଟରେ ୪୧୮ ମିଲିମିଟର ବର୍ଷା ହୋଇଛି । ସେପ୍ଟେମ୍ବର ୧୮ ତାରିଖ ସୁଦ୍ଧା ୧୨୭୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ରାଜ୍ୟର ଗୋଟିଏ ଜିଲ୍ଲା ବୌଦ୍ଧରେ ଅତ୍ୟଧିକ ବର୍ଷା ରେକର୍ଡ ହୋଇଥିବାବେଳେ ୧୬ଟି ଜିଲ୍ଲାରେ ଅଧିକ, ୧୨ଟି ଜିଲ୍ଲାରେ ସାଧାରାଣ ଏବଂ ଗୋଟିଏ ଜିଲ୍ଲା ଗଜପତିରେ ନିଅଟିଂଆ ବର୍ଷା ପରିଲକ୍ଷିତ ହୋଇଛି । ଜୁଲାଇ ପ୍ରଥମ ସପ୍ତାହରୁ ସେପ୍ଟେମ୍ବର ମଧ୍ୟଭାଗ ସୁଦ୍ଧା ରାଜ୍ୟରେ ହାରାହାରି ୧୨୬୪ ମିଲିମିଟର ବର୍ଷା ହୋଇଛି ଯାହାକି ସାଧାରଣ ବର୍ଷା ଠାରୁ ପ୍ରାୟ ୨୩ ପ୍ରତିଶତ ଅଧିକ । ଏହି ଅଧିକ ବର୍ଷା କାରଣରୁ ରାଜ୍ୟରେ ବନ୍ୟା ଆସି ୨୧ଟି ଜିଲ୍ଲାରେ ଫସଲ ପ୍ରଭାବିତ ହୋଇଛି ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003







# ପେଣ୍ଡାଲ, ମୂର୍ତ୍ତି, ଶୃଙ୍ଖଳା ଓ ବିସର୍ଜନ ପାଇଁ ମିଳିବ ନଗଦ ପୁରସ୍କାର

ଝାରସୁଗୁଡ଼ା,୨୩/୯(ନି/ପ୍ର): ଝାରସୁଗୁଡ଼ା ସହରରେ ପ୍ରଥମଥର ପାଇଁ 'ଝାରସୁଗୁଡ଼ା ଗଣେଶ ପୂଜା ଆୱାର୍ଡ୍ସ-୨୦୨୬' ଆୟୋଜନ କରାଯାଉଛି। ଝାରସୁଗୁଡ଼ା ପୂଜା ଆୱାର୍ଡ୍ସ କମିଟି ଓ ସ୍ଥାନୀୟ ଡିଜିଟାଲ୍ ପ୍ଲାଟଫର୍ମର ମିଳିତ ସହଯୋଗରେ ଏହି ଆୱାର୍ଡ୍ସ ଆୟୋଜିତ ହେଉଛି। ସହରର ବିଭିନ୍ନ ଗଣେଶ ପୂଜା କମିଟିର ସୃଜନଶୀଳତା, ପରିଶ୍ରମ, ନିଷ୍ଠା ଓ ସାମୁଦାୟିକ ଭାବନାକୁ ସମ୍ମାନ ଦେବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ସିଦ୍ଧାର୍ଥ ଅବସ୍ଥୀ, ରିତେଶ ଶର୍ମା ଓ କୃଷ୍ଣ ମୁନ୍ଦ୍ରାଙ୍କ ପରିକଳ୍ପନାରେ ଏହି ପଦକ୍ଷେପ ଆରମ୍ଭ ହୋଇଛି। ପ୍ରତିବର୍ଷ ପୂଜା କମିଟିଗୁଡ଼ିକ ଆକର୍ଷଣୀୟ ପଣ୍ଡାଲ, ମନୋରମ ମୂର୍ତ୍ତି, ଆଲୋକସଜ୍ଜା, ଶୃଙ୍ଖଳିତ ବ୍ୟବସ୍ଥା ଓ ବିଭିନ୍ନ ଆୟୋଜନ ପାଇଁ ବ୍ୟାପକ ପରିଶ୍ରମ କରୁଛନ୍ତି। ଏହି ପୁରସ୍କାର ମାଧ୍ୟମରେ ସେମାନଙ୍କ ପ୍ରୟାସକୁ ସ୍ୱୀକୃତି ଦେବା ସହ ଆଗାମୀ ଦିନରେ ଅଧିକ ସୃଜନଶୀଳ ଓ ଶୃଙ୍ଖଳିତ ପୂଜା ଆୟୋଜନ ପାଇଁ ପ୍ରୋତ୍ସାହନ ଦେବା ଲକ୍ଷ୍ୟ ରହିଛି। ଆୟୋଜକଙ୍କ ସୂଚନା ଅନୁସାରେ, ଶ୍ରେଷ୍ଠ ପଣ୍ଡାଲ ଓ ସଜ୍ଜା ପାଇଁ ୩୧ ହଜାର ଟଙ୍କା, ଶ୍ରେଷ୍ଠ ମୂର୍ତ୍ତି ପାଇଁ ୨୧ ହଜାର ଟଙ୍କା, ଶ୍ରେଷ୍ଠ ଶୃଙ୍ଖଳା ଓ ସ୍ୱଚ୍ଛ ପଣ୍ଡାଲ ପାଇଁ ୧୧ ହଜାର ଟଙ୍କା ଏବଂ ଶ୍ରେଷ୍ଠ ବିସର୍ଜନ ପାଇଁ ୨୧ ହଜାର ଟଙ୍କା ନଗଦ ପୁରସ୍କାର ରହିଛି। ଏହାସହ କିଛି ବର୍ଗରେ ରନର୍ସ-ଅପ୍ ପୁରସ୍କାର ମଧ୍ୟ ଦିଆଯିବ। ସେହିପରି 'ସର୍ବାଧିକ ଭୋଟ୍', 'ନୂତନ ଧାରଣା', 'ମୂର୍ତ୍ତି ଓ 'ସ୍ପେଶାଲ୍ ଜୁରି ଚଏସ୍' ଭଳି ୪ଟି ବର୍ଗରେ ପ୍ରତ୍ୟେକ ବିଜେତାଙ୍କୁ ୫,୧୦୦ ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯିବ। ଏ ସମ୍ପର୍କରେ ସିଦ୍ଧାର୍ଥ ଅବସ୍ଥୀ କହିଛନ୍ତି, ଗତ ଦୁଇ ବର୍ଷ ଧରି ପୂଜା କମିଟିଗୁଡ଼ିକର ପରିଶ୍ରମକୁ ସମ୍ମାନ ଦେବା ପାଇଁ ଏକ ମଂଚ ସୃଷ୍ଟି କରିବା ନେଇ ଚିନ୍ତା କରାଯାଉଥିଲା। ଜନସାଧାରଣଙ୍କ ଭୋଟ୍ ପାଇଁ ସ୍ୱତନ୍ତ୍ର ଅନଲାଇନ୍ ପ୍ଲାଟଫର୍ମ ଆରମ୍ଭ ହୋଇଛି। ସେପ୍ଟେମ୍ବର ୧୪ରୁ ୨୪ ତାରିଖ ପର୍ଯ୍ୟନ୍ତ ଭୋଟିଂ ଚାଲିବ। ପ୍ରତ୍ୟେକ ପୂଜା କମିଟି ପାଇଁ ନିର୍ଦ୍ଦିଷ୍ଟ ଓଆର କୋଡ୍ ରହିବ। ମୋବାଇଲ୍ ଓଟିପି ଭେରିଫିକେସନ୍ ମାଧ୍ୟମରେ ଜନସାଧାରଣ ଭୋଟ୍ ଦେଇପାରିବେ। ତେବେ ବିଜେତା ଚୟନ କେବଳ ଜନସାଧାରଣଙ୍କ ଭୋଟ୍ ଆଧାରରେ ହେବ ନାହିଁ। ପବ୍ଲିକ୍ ଭୋଟିଂ ସହ ସ୍ୱାଧୀନ ଜୁରି ପ୍ୟାନେଲର ମୂଲ୍ୟାୟନକୁ ମିଶାଇ ଚୂଡ଼ାନ୍ତ ଫଳାଫଳ ନିର୍ଦ୍ଧାରଣ କରାଯିବ ବୋଲି ରିତେଶ ଶର୍ମା କହିଛନ୍ତି। ଜୁରି ପ୍ୟାନେଲରେ ସଞ୍ଜୟ ଲୋଧା, ସନ୍ଦୀପ ଅବସ୍ଥୀ, ମୁକେଶ ତିୱାରୀ, ସଞ୍ଜୟ ପାଣିଗ୍ରାହୀ, ଆଶିଷ ଦାସ ଓ ଅକ୍ଷୟ ପତି ସାମିଲ ଅଛନ୍ତି। ଗଣେଶ ପୂଜା ଯୋଗୁଁ ଡେକୋରେଟର, କାରିଗର, ଇଲେକ୍ଟ୍ରିସିଆନ୍, ଆଲୋକ ଓ ସାଉଣ୍ଡ୍ ବ୍ୟବସାୟୀ, ଖାଦ୍ୟ ବିକ୍ରେତା ଓ ଛୋଟ ବ୍ୟବସାୟୀଙ୍କ ପାଇଁ ବ୍ୟବସାୟିକ ସୁଯୋଗ ବୃଦ୍ଧି ପାଉଥିବା ଆୟୋଜକମାନେ କହିଛନ୍ତି। କୃଷ୍ଣ ମୁନ୍ଦ୍ରା ଝାରସୁଗୁଡ଼ାର ନାଗରିକ, ସାମାଜିକ ସଂଗଠନ ଓ ବିଭିନ୍ନ ଅନୁଷ୍ଠାନକୁ ଏହି ପଦକ୍ଷେପକୁ ସମର୍ଥନ କରିବା ସହ ଏହାକୁ ପ୍ରତିବର୍ଷର ଏକ ପ୍ରମୁଖ ଉତ୍ସବରେ ପରିଣତ କରିବା ପାଇଁ ସହଯୋଗର ହାତ ବଢ଼ାଇବାକୁ ଆହ୍ୱାନ ଜଣାଇଛନ୍ତି। "ଆମ ପଣ୍ଡାଲ, ଆମ ଗର୍ବ-ଆୱାର ପାଣ୍ଡେଲ ଆୱାର ପ୍ରାଇଡ୍" ବାର୍ତ୍ତା ସହ ଜେପିଏସି ଝାରସୁଗୁଡ଼ାବାସୀଙ୍କୁ ନିଜ ପସନ୍ଦର ପୂଜା କମିଟିକୁ ଭୋଟ୍ ଦେଇ ସମର୍ଥନ କରିବାକୁ ଆହ୍ୱାନ କରିଛି। ଝାରସୁଗୁଡ଼ାର ଏକ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରିତେଶ ଶର୍ମା, ସିଦ୍ଧାର୍ଥ ଅବସ୍ଥୀ, କୃଷ୍ଣ ମୁନ୍ଦ୍ରା, ସଞ୍ଜୟ ଲୋଧା, ସନ୍ଦୀପ ଅବସ୍ଥୀ ଓ ମୁକେଶ ତିୱାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତ ବିକାଶ ପରିଷଦ ପକ୍ଷରୁ ଭାରତକୁ ଜାନୋ ଓ ଜାତୀୟ ବୃନ୍ଦଗାନ ପ୍ରତିଯୋଗିତା




ସମ୍ବଲପୁର,୨୩/୯(ନି/ପ୍ର):ଭାରତ ବିକାଶ ପରିଷଦ, ହୀରାକୁଦ ଶାଖା ତରଫରୁ ଭାରତକୁ ଜାନୋ ଓ ଜାତୀୟ ବୃନ୍ଦଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ ବିଦ୍ୟାଳୟ ସ୍ତରରେ ଏହି ସାଧାରଣ ଜ୍ଞାନ ପରୀକ୍ଷାରେ ଭାଗ ନେଇଥିବା ୧୧୮୦ ଜଣ ରୁ ୧୬ ଜଣ ଶାଖା ସ୍ତରୀୟ ଭାରତକୁ ଜାନୋ ଓ ବୃନ୍ଦଗାନରେ ୨୪ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ରାମଚନ୍ଦ୍ର ମେହେର, ସମ୍ମାନିତ ଅତିଥି ଆନନ୍ଦ ଚକ୍ରବର୍ତ୍ତୀ, ସିଏସଆର ମୁଖ୍ୟ, ହିଣ୍ଡାଲକୋ ଓ ପର୍ଯ୍ୟବେକ୍ଷକ, ଡ. ନରେନ୍ଦ୍ର ବେହେରା ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ । ଶାଖାର ବରିଷ୍ଠ ସଭ୍ୟ, ବିରେନ୍ଦ୍ର ପାଣିଗ୍ରାହୀ ମଂଚ ପରିଚାଳନା, ହୀରାକୁଦ ଶାଖା ସଂଯୋଜକ ସରୋଜ କୁମାର ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ ଓ ପରିଷଦ ର ମୁଖ୍ୟ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମସ୍ତଙ୍କୁ ଅବଗତ କରିଥିଲେ । ଡ଼.ନରେନ୍ଦ୍ର ବେହେରା ଭାରତୀୟ ସଂସ୍କୃତି ଓ ପରମ୍ପରାର ବିକାଶ ଓ ପର୍ଯ୍ୟବରଣର ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ । ରାମଚନ୍ଦ୍ର ବେହେରା ବିକଶିତ ହୀରାକୁଦ, ବିକସିତ ସମ୍ବଲପୁର, ବିକସିତ ଓଡ଼ିଶା ଓ ବିକଶିତ ଭାରତର ଯୋଜନା ଓ ସମସ୍ତଙ୍କର ଦାୟିତ୍ୱବୋଧ ଉପରେ ଆଲୋକପାତ କରିଥିଲେ । ଶେଷରେ ଶାଖା ସଭାପତି ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଦିବାକର ମହାନନ୍ଦ, ଶ୍ରୀମତୀ ଜେନା, ରେଶ୍ମା ଶ୍ରୀକୁମାର, ବିଚାରକ ମଣ୍ଡଳୀ ବୃନ୍ଦଗାନ ପ୍ରତିଯୋଗୀଙ୍କ ମୂଲ୍ୟାଙ୍କନ କରିଥିଲେ ଓ ପ୍ରତିଯୋଗିତାରେ ଫଳାଫଳ ବ୍ରହ୍ମାନନ୍ଦ ସାହୁ ଘୋଷଣା କରିଥିଲେ । ପ୍ରଥମ ହୋଇଥିବା ପ୍ରତିଯୋଗୀଙ୍କୁ ପ୍ରାନ୍ତ ସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହେବା ପାଇଁ ଉତ୍ସାହିତ କରାଯାଇଥିଲା । ଶାଖାର ସମ୍ପାଦକ ହିମାଂଶୁ ହୋତା, କୋଷାଧ୍ୟକ୍ଷ ଅନୁପ ସାହୁ, ମହିଳା ସହଭାଗିତା ପ୍ରମୁଖ ଶୁଭଶ୍ରୀ ପୃଷ୍ଟି, ସେବା ପ୍ରମୁଖ ମନୋହର ସିଂହ, ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ କୌଶିକ ଚୌଧୁରୀ, ବିଶ୍ୱନାଥ ମିଶ୍ର, ବୈକୁଣ୍ଠ ନାଗ,ପ୍ରିୟ ରଂଜନ ଢାଲ, ଗୁରୁଜୀ, ଏବଂ ନିବେଦିତା ମହନ୍ତ, ପ୍ରୀତି ପ୍ରିୟଦର୍ଶିନୀ ମିଶ୍ର ଓ ରିତୁ ପରିଡ଼ା ଗୁରୁମା ଙ୍କସହ ହୀରାକୁଦର ଅନେକ ବରିଷ୍ଠ ନାଗରିକ କାର୍ଯ୍ୟକ୍ରମ ସଫଳ କରିବାରେ ସହଯୋଗ କରିଥିଲେ ।

# ତୃତୀୟ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ




ଝାରସୁଗୁଡ଼ା,୨୩/୯(ନି/ପ୍ର): ତୃତୀୟ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ଝାରସୁଗୁଡ଼ା ଜିଲ୍ଲାର ୫୦ ଜଣ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରାର ଶୁଭାରମ୍ଭ ଆଜି ଜିଲ୍ଲା ସଂସ୍କୃତି ଭବନ ସମ୍ମୁଖରୁ ହୋଇଯାଇଛି। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ତୁଳାବତୀ ମିଞ୍ଜ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି ନୱଲ ଅଗ୍ରୱାଲ, ସାଂସଦଙ୍କ ପ୍ରତିନିଧି ଶ୍ଳୋକ ସର୍ଣ୍ଣା, ବିଧାୟକଙ୍କ ପ୍ରତିନିଧି ପ୍ରେମସେନ ରାୟ, ନେତାଜୀ ପଟ୍ଟନାୟକ, ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଏବଂ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ଯୋଗଦେଇ ବରିଷ୍ଠ ତୀର୍ଥଯାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଯାତ୍ରାର ସଫଳତା କାମନା କରିଥିଲେ। ଏଥିସହ ଅତିଥିବୃନ୍ଦ ଶୁଭ ନାରିକେଳ ଭାଙ୍ଗିବା ସହ ସବୁଜ ପତାକା ଦେଖାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ। ସୂଚନା ଯୋଗ୍ୟ ଯେ, ଜିଲ୍ଲାର ବିଭିନ୍ନ ଅଂଚଳରୁ ଚୟନ ହୋଇଥିବା ୫୦ ଜଣ ବରିଷ୍ଠ ନାଗରିକ ଦୁଇଟି ବସ୍ ଯୋଗେ ଯାତ୍ରା କରିଛନ୍ତି। ଲଇକେରା ବ୍ଲକର ସାମାଜିକ ସୁରକ୍ଷା ବିଭାଗର କନିଷ୍ଠ ସହାୟକ ପ୍ରଦ୍ୟୁମ୍ନ ପାଣିଗ୍ରାହୀ ଓ ଅଜିତ କୁମାର ସାହୁ ଏସ୍କର୍ଟ ଅଫିସର ଭାବେ ତୀର୍ଥଯାତ୍ରୀମାନଙ୍କ ସହ ଯାଇ ସେମାନଙ୍କୁ ସମ୍ବଲପୁର ରେଳ ଷ୍ଟେସନରେ ପହଂଚାଇବେ। ସେଠାରୁ ଆସନ୍ତାକାଲି ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ତୀର୍ଥଯାତ୍ରୀମାନେ ଅଯୋଧ୍ୟା ଓ ବାରାଣସୀ ତୀର୍ଥସ୍ଥଳୀ ପରିଦର୍ଶନ କରିବେ। ତୀର୍ଥଯାତ୍ରା ସମାପ୍ତ କରି ସେମାନେ ତା. ୨୭.୦୯.୨୦୨୬ ରିଖରେ ଝାରସୁଗୁଡ଼ାରେ ପହଂଚିବେ। ତୀର୍ଥଯାତ୍ରୀମାନେ ଆଜି ସକାଳ ୯ଟାରେ ଜିଲ୍ଲା ସଂସ୍କୃତି ଭବନଠାରେ ପହଂଚିଥିଲେ। ପରେ ସେଠାରେ ଉପସ୍ଥିତ ଏକ ସ୍ୱତନ୍ତ୍ର ମେଡିକାଲ୍ ଟିମ୍ ପହଂଚି ସମସ୍ତ ତୀର୍ଥଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରିତାକାନ୍ତି ବଳିୟାରସିଂହ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସୋମେଶ ଆଚାର୍ଯ୍ୟ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅମ୍ରିତ ଆଚାର୍ଯ୍ୟ ଏବଂ ସହକାରୀ ଜିଲ୍ଲାପାଳ ବିଶ୍ୱଜିତ ରାଉତ ପରିଚାଳନା କରିଥିଲେ। କନିଷ୍ଠ ସହାୟକ ଆଲିସ ପଟେଲ, ରାଜେଶ ସେଠ, ଧୀରଜ ରୋଶନ ପ୍ରଧାନ, ମୌସୁମ ପଟେଲ, ରବୀନ୍ଦ୍ର ନିଆଲ, ସମୀର କିସାନ, କିଙ୍କନ ନାଏକ ଓ ଗୁରୁଚରଣ ପ୍ରମୁଖ ସହଯୋଗ କରିଥିଲେ। ଏଥିସହ ଯୁବ ସାମ୍ବାଦିକ ପ୍ରୀତମ ପଣ୍ଡା ଓ ନିରଞ୍ଜନ ମାଳି, ଅଭିରାମ ଶତପଥୀ ତୀର୍ଥଯାତ୍ରୀମାନଙ୍କୁ ଯାତ୍ରା ସମ୍ପର୍କିତ ବିଭିନ୍ନ ଧାରଣା ଓ ଆବଶ୍ୟକ ସୂଚନା ପ୍ରଦାନ କରିବା ସହ ସେମାନଙ୍କ ତୀର୍ଥଯାତ୍ରାର ସଫଳତା କାମନା କରିଥିଲେ। ଏହି ଅବସରରେ ଅତାବିରାର ପବିତ୍ରା ବିଶ୍ୱାଳ, ଅମାପାଲିର ମଉଜି ଦେହେରୀ, ସିଙ୍ଗେଇପାଲିର ସୁବାଷ ଚନ୍ଦ୍ର ସାହୁ ଭଜନ ପରିବେଷଣ କରିଥିବା ବେଳେ ସମସ୍ତ ବରିଷ୍ଠ ତୀର୍ଥଯାତ୍ରୀ ନିଜ ନିଜର ଖୁସି ଅନୁଭୂତି ବଖାଣି ଥିଲେ।

# ମହାନଗର ନିଗମ ପକ୍ଷରୁ ରାସ୍ତା ଅବରୋଧକାରୀ ଉଠା ଦୋକାନୀଙ୍କୁ ଉଚ୍ଛେଦ




ସମ୍ବଲପୁର,୨୩/୯(ନି/ପ୍ର): ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସୋମବାର ଦିନ ଜିଲ୍ଲା କଲେକ୍ଟରେଟ୍ କାର୍ଯ୍ୟାଳୟ ନିକଟରୁ ଧୁଚୁରାପଡ଼ା, ଗୁଜୁରାଟୀ କଲୋନୀ ପ୍ରବେଶ ପଥ ପର୍ଯ୍ୟନ୍ତ ରାସ୍ତା ଓ ଫୁଟପାଥରେ ଅବରୋଧ ସୃଷ୍ଟି କରି ବ୍ୟବସାୟ କରୁଥିବା ସମସ୍ତ ଉଠା ଦୋକାନୀମାନଙ୍କୁ ସଫଳତାର ସହିତ ବିକଳ୍ପ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଓ ନୀତି ଅନୁଯାୟୀ ରାସ୍ତା ଓ ଫୁଟପାଥକୁ ଅବରୋଧମୁକ୍ତ ରଖିବା ଏବଂ ପଥଚାରୀଙ୍କ ନିରାପଦ ଓ ଅବାଧ ଚଳାଚଳ ସହିତ ଯାନବାହନର ସୁଗମ ଯାତାୟାତ ସୁନିଶ୍ଚିତ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମହାନଗର ନିଗମ ପକ୍ଷରୁ କୁହାଯାଇଛି । ତେବେ ଏହି କାର୍ଯ୍ୟାନୁଷ୍ଠାନ ସମୟରେ ଉଠା ଦୋକାନୀମାନଙ୍କ ଜୀବିକା ପ୍ରତି ପ୍ରଶାସନ ଯଥେଷ୍ଟ ସମ୍ବେଦନଶୀଳତା ପ୍ରଦର୍ଶନ କରିଥିବା ନେଇ ଏସ୍ଏମସି ସଫେଇ ଦେଇଛି । ଉଚ୍ଛେଦ ପୂର୍ବରୁ ଦୋକାନୀମାନଙ୍କ ସହ ଏକାଧିକ ଥର ଆଲୋଚନା କରାଯିବା ସହିତ ପ୍ରାୟ ୧୦-୧୫ ଦିନ ଧରି ମାଇକ୍ ଯୋଗେ ସ୍ଥାନାନ୍ତରଣ ପାଇଁ ଅନୁରୋଧ ଓ ସଚେତନ କରାଯାଇଥିଲା। ଉଠା ଦୋକାନୀମାନଙ୍କୁ ନିର୍ଦ୍ଦିଷ୍ଟ ବିକଳ୍ପ ଓ ଚିହ୍ନଟ ସ୍ଥାନରେ ବ୍ୟବସାୟ ଜାରି ରଖିବା ପାଇଁ ସ୍ଥାନାନ୍ତର କରାଯାଇଛି । ସାହୁ କଲୋନୀ ଭେଣ୍ଡିଂ ଜୋନ୍, କୁମ୍ଭାରପଡ଼ା ଗଳି, ପିପିଲାନି ସ୍ୱିଟ୍ସ ଗଳି, ସରକାରୀ ବସ୍ଷ୍ଟାଣ୍ଡ ଭେଣ୍ଡିଂ ଜୋନ୍, ରାମସାଗର ବନ୍ଧ ପଛପଟ ଅଂଚଳରେ ବ୍ୟବସାୟ ପାଇଁ ଅନୁମତି, ସମ୍ବଲପୁର ମହାନଗର ନିଗମର ଏହି ପଦକ୍ଷେପ କେବଳ ଅବରୋଧ ହଟାଇବା ନୁହେଁ, ବରଂ ପଥଚାରୀଙ୍କ ସୁରକ୍ଷିତ ଚଳାଚଳ, ଯାନବାହନର ସୁଗମ ଯାତାୟାତ ଏବଂ ଉଠା ଦୋକାନୀଙ୍କ ଜୀବିକା ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଏହାର ମୁଖ୍ୟ ଲକ୍ଷ୍ୟ ବୋଲି ଏସ୍ଏମସି କହିଛି । ଆଗାମୀ ଦିନରେ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ରାସ୍ତା, ଫୁଟପାଥ ଓ ସର୍ବସାଧାରଣ ସ୍ଥାନକୁ ଅବରୋଧମୁକ୍ତ କରିବା ପାଇଁ ଏସ୍ଏମସି ଏନଫୋର୍ସମେ[ ସ୍କ୍ୱାଡ୍ ପକ୍ଷରୁ ପର୍ଯ୍ୟାୟ କ୍ରମେ ଅଭିଯାନ ଜାରି ରହିବ। ଏହି ଅଭିଯାନକୁ ସଫଳ କରିବା ପାଇଁ ସମ୍ବଲପୁରବାସୀ, ଉଠା ଦୋକାନୀ, ବ୍ୟବସାୟୀ ଏବଂ ବୁଦ୍ଧିଜୀବୀ ମହଲକୁ ସହଯୋଗ କରିବା ପାଇଁ ଏସ୍ଏମସି ପକ୍ଷରୁ ନିବେଦନ କରାଯାଇଛି।

# ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ



ସମ୍ବଲପୁର,୨୩/୯(ନି/ପ୍ର): ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟର ନାରୀ ସଶକ୍ତିକରଣ କେନ୍ଦ୍ର ଆନୁକୁଲ୍ୟରେ ଛଅ ଦିନ ଧରି ଚାଲିଥିବା ଛାତ୍ରୀ ମାନଙ୍କର ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି । ଅନୁଷ୍ଠାନ ର ଅଧ୍ୟକ୍ଷ ସୁଧୀର କୁମାର ସାହୁ ଙ୍କ ସଭାପତିତ୍ୱ ରେ ଆୟୋଜିତ ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ନାକ୍ଟିଦେଉଳ ବ୍ଲକର ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଜ୍ଞା ପାଣିଗ୍ରାହୀ ଯୋଗ ଦେଇ ଛାତ୍ରୀମାନଙ୍କ ପାଇଁ ଆତ୍ମ ସୁରକ୍ଷା ପ୍ରଶିକ୍ଷଣର ଆବଶ୍ୟକତା ଓ ସାମ୍ପ୍ରତିକ ନାରୀ ସୁରକ୍ଷା ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ । ନାରୀ ସଶକ୍ତିକରଣ କେନ୍ଦ୍ରର ସଂଯୋଜିକା ଅଧ୍ୟାପିକା ସଙ୍ଗିତା ସେଠ୍ ଶିବିର ର ବିବରଣୀ ଉପସ୍ଥାପନ କରିଥିବା ବେଳେ ମାଷ୍ଟର ଟ୍ରେନର୍ ତେଜସ୍ମିତା ସାହୁ ଆମସୁରକ୍ଷାର ବିଭିନ୍ନ କୌଶଳ ବିଷୟରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏନ୍ଏସ୍ଏସ୍ ପ୍ରୋଗ୍ରାମ ଅଫିସର ଡ଼ଃ ଆର୍ ପୁଷ୍ପାଞ୍ଜଳି, ଅଧ୍ୟାପିକା ଜୟନ୍ତୀ ସାହୁ ଓ ଗରିବାବାଳା ନାୟକ ଛାତ୍ରୀମାନଙ୍କର ସଙ୍କଟ ବିଷୟରେ ବିଶ୍ଳେଷଣ କରିଥିଲେ । ଅଧ୍ୟାପିକା ଲିଟିନା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାମେଶ୍ୱର ସାହିତ୍ୟ ସଂସଦର ପାର୍ବଣ ଅଧିବେଶନ

ଭଦ୍ରକ,୨୩/୯(ନି/ପ୍ର): ଭଦ୍ରକ ବ୍ଲକ ରାନ୍ଦିଆ ରାମେଶ୍ୱର ସାହିତ୍ୟ ସଂସଦର ପାର୍ବଣ ଅଧିବେଶନ ସନ୍ତୋଷ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସହ-ସମ୍ପାଦକ ପ୍ରାଣବନ୍ଧୁ ବିଶ୍ୱାଳ ସଂସଦର ସଭାପତି ଓ ସମ୍ପାଦକଙ୍କୁ ମଂଚାସୀନ କରିଥିଲେ । ଉପସଭାପତି ସପନ କୁମାର ଚାଟ୍ଟାର୍ଜୀ ସଭାକୁ ପୌରହିତ୍ୟ କରି ସାଂପ୍ରତିକ ସାହିତ୍ୟର ସମୀକ୍ଷା ସହ ଦିଗଦର୍ଶନ ଦେଇଥିଲେ । ସମ୍ପାଦକ ମୋହିନୀ ମୋହନ ମହାପାତ୍ର ସ୍ୱାଗତ ସୂଚନା ସହ ପୂର୍ବ ଅଧିବେଶନରେ ସମ୍ପୂର୍ଣ୍ଣ ବିବରଣୀ ପାଠ କରିଥିଲେ ।

# ବାଇକରେ ଗଞ୍ଜେଇ ଚାଲାଣ ବେଳେ ଧରାପଡ଼ିଲା ଅଭିଯୁକ୍ତ

ଝାରସୁଗୁଡ଼ା,୨୩/୯(ନି/ପ୍ର): ନିଶା କାରବାର ବିରୋଧରେ ଝାରସୁଗୁଡ଼ା ପୁଲିସର 'ଦମନ' ଅଭିଯାନ ଜାରି ରହିଥିବା ବେଳେ ଲଖନପୁର ପୁଲିସକୁ ମିଳିଛି ଆଉ ଏକ ସଫଳତା। ବନ୍ଧବାହାଲ- ଫାଣ୍ଡି ରାସ୍ତାର ଜମୁନା ଛକ ନିକଟରେ ଯାନବାହନ ଯାଂଚ ସମୟରେ ୩.୦୯ କେଜି ଗଞ୍ଜେଇ ଜବତ କରାଯିବା ସହ ଜଣେ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରିଛି। ପୁଲିସ ସୂଚନା ଅନୁଯାୟୀ, ୨୧ ତାରିଖରେ ବିଶ୍ୱସନୀୟ ସୂଚନା ଆଧାରରେ ଜମୁନା ଛକ ନିକଟରେ ପାଟ୍ରୋଲିଂ ଓ ଯାନବାହନ ଯାଂଚ ଚାଲିଥିଲା। ଏହି ସମୟରେ ଏକ ମୋଟରସାଇକେଲରେ ଏୟାରବ୍ୟାଗ ନେଇ ଯାଉଥିବା ବାବୁଲୁ ଓରଫ ଟୁକାରାମ ଭୋଇ ଓରଫ ଭୋଏ (୪୩)ଙ୍କୁ ପୁଲିସ ଅଟକାଇ ଯାଂଚ କରିଥିଲା। ଏୟାରବ୍ୟାଗ୍ ଭିତରୁ ୩.୦୯ କେଜି ଗଞ୍ଜେଇ ମିଳିଥିଲା। ଗିରଫ ଅଭିଯୁକ୍ତ ସମ୍ବଲପୁର ଜିଲ୍ଲା ଅଇଁଠାପାଲି ଥାନା ଅନ୍ତର୍ଗତ ସଙ୍କର୍ମା ଗ୍ରାମର ସନ୍ତୋଷ ଭୋଇ ଓରଫ ଭୋଏଙ୍କ ପୁଅ। ପୁଲିସ ତାଙ୍କ ନିକଟରୁ ଗଞ୍ଜେଇ ସହ ଏକ କଳା ରଙ୍ଗର ଏୟାରବ୍ୟାଗ, ହୋଣ୍ଡା ଏସ୍ପି ୧୨୫ ମୋଟରସାଇକେଲ୍, ଓପୋ ଇ୧୭ ମୋବାଇଲ୍ ଫୋନ୍ ଓ ଆଧାର କାର୍ଡ ଜବତ କରିଛି। ଲଖନପୁର ଥାନା ଏସ୍ଆଇ ସସ୍ମିତା ଖୁଂଟିଆଙ୍କ ନେତୃତ୍ୱରେ ପୁଲିସ ଟିମ୍ ଏହି ଚଢ଼ଉ କରିଥିଲା। ଏନେଇ ଲଖନପୁର ଥାନାରେ କେସ୍ ନଂ- ୨୬୨/୨୧.୦୯.୨୦୨୬ରେ ଏନ୍ଡିପିଏସ୍ ଆଇନ, ୧୯୮୫ର ଧାରା ୨୦(ବି)(ଆଇଆଇ)(ବି) ଅନୁଯାୟୀ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଆଜି କୋର୍ଟ ଚାଲାଣ କରାଯାଇଛି। ଜବତ ଗଞ୍ଜେଇର ଉତ୍ସ ଏବଂ ଏହା ସହ ଜଡ଼ିତ ଅନ୍ୟମାନଙ୍କ ସମ୍ପର୍କରେ ପୁଲିସ ତଦନ୍ତ ଜାରି ରଖିଛି। ନିଶା କାରବାର ବିରୋଧରେ 'ଦମନ' ଅଭିଯାନ ଅଧୀନରେ ଆଗାମୀ ଦିନରେ ମଧ୍ୟ ଚଢ଼ଉ ଜାରି ରହିବ ବୋଲି ଝାରସୁଗୁଡ଼ା ପୁଲିସ ପକ୍ଷରୁ କୁହାଯାଇଛି।

# ଜାମଟାଲରେ ରୟତି ଜମିରେ ହିଣ୍ଡଲକୋ କମ୍ପାନୀର ପାଉଁଶ ଡମ୍ପିଂ ଅଭିଯୋଗ



ସମ୍ବଲପୁର,୨୩/୯(ନି/ପ୍ର)::ସମ୍ବଲପୁର ଜ଼ିଲ୍ଲା ଯୁଯୋମୁରା ତହସିଲ ଅନ୍ତର୍ଗତ ଜାମଟାଲ ଅଂଚଳରେ ରୟତି ଜମିରେ ହିଣ୍ଡଲକୋ କମ୍ପାନୀ ପକ୍ଷରୁ ବେଆଇନ ଭାବେ ପାଉଁଶ ପକାଯାଉଥିବା ନେଇ ଅଭିଯୋଗ ହୋଇଛି। ସମ୍ବଲପୁର ମହା ନଗର ନିଗମ ଧନକଉଡ଼ା ଅଚଂଳର ଜଣେ ଜମି ମାଲିକଙ୍କ ଅଭିଯୋଗ ଅନୁଯାୟୀ, ହାତିବାରୀ ମୌଜାର ଖାତା ନମ୍ବର ୧୬୨/୫୧୪ ଅନ୍ତର୍ଗତ ୧ ଏକର ୬୫ ଡେସିମିଲ ରୟତି ଜମିରେ ପ୍ରାୟ ୩୦୦ ଟ୍ରିପ୍ ? ପାଉଁଶ ପକାଯାଇଛି। ଜମି ମାଲିକଙ୍କ ଅନୁମତି ବିନା ଏଭଳି ଭାବେ ପାଉଁଶ ପକାଯାଇଥିବା ଅଭିଯୋଗ କରି ସେ ଯୁଯୋମୁରା ତହସିଲଦାର ଓ ଥାନା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଚାଷ ଜମିରେ ବିପୁଳ ପରିମାଣର ପାଉଁଶ ପକାଯିବା ଫଳରେ ଜମିର ଉର୍ବରତା ଓ ଚାଷକାର୍ଯ୍ୟ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବା ଆଶଙ୍କା ରହିଥିବା ଜମି ମାଲିକ ଅଭିଯୋଗ କରି ପ୍ରଶାସନ ପକ୍ଷରୁ ଘଟଣାସ୍ଥଳ ପରିଦର୍ଶନ କରି ପାଉଁଶ ପକାଯିବାର ଅନୁମତି ଓ ବୈଧତା, ଜମିର କ୍ଷୟକ୍ଷତି ଆଦି ଯାଚଂ କରାଯିବାକୁ ଦାବି କରିଛନ୍ତି ଓ ଅନ୍ୟପକ୍ଷରେ ଏହି ଗ୍ରାମର ଅନ୍ୟ ଜଣେ ଚାଷୀଙ୍କ ରୟତି ଜମିରେ ମଧ୍ୟ ହିଣ୍ଡଲକୋ ପକ୍ଷରୁ ଏଭଳି ବେଆଇନ ଭାବେ ପାଉଁଶ ପକାଯାଇଥିବା ଅଭିଯୋଗ ଆସିଛି। ଯୁଯୋମୁରା ତହସିଲ ପ୍ରଶାସନର ତଦନ୍ତ ପରେ ଘଟଣାର ପ୍ରକୃତ ଚିତ୍ର ସ୍ପଷ୍ଟ ହେବ।

# ଧାମରା ବନ୍ଦର ନଗରୀରେ ବିଶ୍ୱକର୍ମା, ଆଲୋକମାଳାରେ ଝଲସୁଛି ପୂଜା ମଣ୍ଡପ

ଭଦ୍ରକ,୨୩/୯(ନି/ପ୍ର): ଚାନ୍ଦବାଲି ବ୍ଲକ ଧାମରା ବନ୍ଦର ନଗରୀରେ ଶୋଭା ବଢାଉଛି ଚାଲିଥିବା ବିଶ୍ୱକର୍ମା ପୂଜା। ଇତ୍ୟବସରେ କଇଥଖୋଲା ଠାରେ ନିର୍ମାଣ ହୋଇଥିବା ୪ଟି ପୂଜା ମଣ୍ଡପ , ଦୋସିଙ୍ଗା ଠାରେ ବିଏମଏସ ପକ୍ଷରୁ ନିର୍ମାଣ ହୋଇଥିବା ପୂଜା ମଣ୍ଡପ ଏବଂ ଧାମରାରେ ମତ୍ସ୍ୟପୋତାଶ୍ରୟ, ବିଦ୍ୟୁତ ବିଭାଗ ଏବଂ ଅଟୋ ଷ୍ଟାଣ୍ଡ ରେ ପୂଜା ମଣ୍ଡପ ମଧ୍ୟ ଆଲୋକମାଳାରେ ଜଳସୁଛି। ଧାମରା ଟ୍ରକ ଟିପ୍ପର ସଂଘ ପକ୍ଷରୁ ବିଶେଷ ଆକର୍ଷଣୀୟ କରିବା ପାଇଁ ପୁରୀ ଶ୍ରୀ ମନ୍ଦିରର ରୂପ ରେଖ ଦେଇଥିବା ବେଳେ କଳିଙ୍ଗ ଟ୍ରକ ଟିପ୍ପର ସଂଘ ପକ୍ଷରୁ ନିର୍ମାଣ ହୋଇଥିବା ମଣ୍ଡପ ଏକ ସ୍ୱତନ୍ତ୍ର ଭାବେ ରୂପ ରେଖ ନେଇଛି। ସେହପରି ଟ୍ରକ ଟିପ୍ପର ଚାଳକ ସଂଘ ଭାବେ ନିଜର ତୋରଣ କୁ ଆକର୍ଷଣିୟ କରିବା ପାଇଁ ଯତପରୋନାସ୍ତି ଚେଷ୍ଟା ମଧ୍ୟ କରିଛନ୍ତି। ଇତ୍ୟବସରେ ହିନ୍ଦ ମଜଦୁର ସଭା(ଏଚଏମଏସ)ପକ୍ଷରୁ ନିର୍ମାଣ ହୋଇଥିବା ତୋରଣ ବେଶ ଚିତାକର୍ଷକ ହୋଇ ପାରିଛି ଏହାର ଏକମାତ୍ର କାରଣ ବିନା ରାସାୟନିକ ପଦାର୍ଥ ବ୍ୟବହାର ହୋଇ ନଥିବା ବେଳେ ନଡିଆ କତା ଏବଂ ବାଉଁଶ ପାଟିଆ ବ୍ୟବହାର କରି ଶହେ ଫୁଟ ଉଚ୍ଚର ତୋରଣ ସାଙ୍ଗକୁ ଆଦିବାସୀ ଜନଜୀବନ କୁ ନେଇ ଆଙ୍କିଥିବା ସୌନ୍ଦଯ୍ୟ କଳା ମଧ୍ୟ ଏହିମଣ୍ଡପରେ ପ୍ରସ୍ଫୁଟିତ ହୋଇ ଏକ ନିଆରା ପରିବେଶ ସୃଷ୍ଟି କରିଥିଲା। ହାଲକା ବର୍ଷା ସାଙ୍ଗକୁ ମନୋମୁଗଦ୍ଧ ପରିବେଶ ଏବଂ ତତ ସହିତ ଆଲୋକ ମାଳାରେ ସୁସଜ୍ଜିତ ପୂଜା ପେଣ୍ଡାଲ ଏବଂ ସମସ୍ତ ପୀଠରେ ନିର୍ମାଣ ହୋଇଥିବା ମୃଣ୍ମୟ ମୂର୍ତ୍ତୀ ଏବଂ ପାର୍ଶ୍ୱ ମୂର୍ତ୍ତୀ ମଧ୍ୟ ପରିବେଶ କୁ ସୁନ୍ଦର କରିଥିଲା। ଦୋସିଙ୍ଗା ବଜାର ଠାରେ ଭାରତୀୟ ମଜଦୁର ସଂଘ ପକ୍ଷରୁ ନିର୍ମାଣଧୀନ ତୋରଣ ମଧ୍ୟ ବହୁ ମନମୁଗ୍ଧ କର ହୋଇଥିଲା। ଏହି ସମସ୍ତ ପୂଜା ମଣ୍ଡପରେ ଦୀର୍ଘ ୩ଦିନ ଧରି ଭିଡ ଲାଗି ରହିଥିବା ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ,ଭିଡ ନିୟନ୍ତ୍ରଣ, ଟ୍ରାଫିକ ବ୍ୟବସ୍ଥା କରିବାକୁ ଧାମରା ଥାନାଧିକାରୀ ଶୋଭନ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପୁଲିସ କର୍ମଚାରୀ ମୁତୟନ ଥିଲେ।




# ରାଜ୍ୟ ଆଂଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଶୀତଳ ପୃଥିବୀ ପାଇଁ ବିଶ୍ୱସ୍ତରୀୟ ପଦକ୍ଷେପ




ରାଉରକେଲା,୨୩/୯(ନି/ପ୍ର): ବିଶ୍ୱ ଓଜୋନ ଦିବସ - ୨୦୨୬ ଅବସରରେ ରାଉରକେଲା ରାଜ୍ୟ ଆଂଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ରାଉରକେଲା ଇସ୍ପାତ କାରଖାନା ପରିସରସ୍ଥିତ ସିପିଟିଆଇ ଅଡିଟୋରିୟମରେ 'ଶୀତଳ ପୃଥିବୀ ପାଇଁ ବିଶ୍ୱସ୍ତରୀୟ ପଦକ୍ଷେପ' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଆଂଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରାଉରକେଲା ଶାଖା ପକ୍ଷରୁ ନୂତନ ଟେକ୍ନୋଲୋଜି ଆପଣାଇବା ସହ ଓଡ଼ିଏସ (ଓଜୋନ କ୍ଷୟକାରୀ ପଦାର୍ଥ) ହ୍ରାସ ପାଇଁ ଏହି ଆଲୋଚନାଚକ୍ରରେ ଆହ୍ୱାନ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ତଥା ରାଉରକେଲା ଆଂଚଳିକ କାର୍ଯ୍ୟାଳୟ ଅଧିକାରୀ ଡକ୍ଟର ଅନୁପ କୁମାର ମଲ୍ଲିକ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସେ ପୃଥିବୀ ପୃଷ୍ଠର ଉତ୍ତାପ ବୃଦ୍ଧି, ଓଜୋନ ସ୍ତର ପ୍ରଭାବିତ ହେବା, ଜଳବାୟୁ ପରିବର୍ତ୍ତନର ପ୍ରଭାବ ପ୍ରଭୃତି ନେଇ ଉଦବେଗ ପ୍ରକାଶ କରିଥିଲେ। ଶୀତଳ ପୃଥିବୀ ପାଇଁ ବିଭିନ୍ନ ସ୍ତରରେ ଉଦ୍ୟମ ଜରୁରୀ ବୋଲି ସେ କହିଥିଲେ। ଏଦିଗରେ ବିଭାଗ ପକ୍ଷରୁ ସିଏନଏଫ ହ୍ରାସ ଓ ବିକଳ୍ପ ବ୍ୟବସ୍ଥା ସହ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସେଲ୍ ପରିଚାଳିତ ରାଉରକେଲାର ଇସ୍ପାତ କାରଖାନାର ମୁଖ୍ୟ ମହାପ୍ରବନ୍ଧକ ପ୍ରମୋଦ ଚନ୍ଦ୍ର ଦାଶ ଶୀତଳ ପୃଥିବୀ ପାଇଁ ସବୁଜ ଇସ୍ପାତ ଉତ୍ପାଦନ ବିଷୟରେ ଆଲୋଚନା କରିଥିଲେ। ଜେଏସଡବ୍ଲୁ ଷ୍ଟିଲ ଲିମିଟେଡ (ଓଡିଶା ମାଇନିଂ ଡିଭିଜନ), ବଡବିଲର ଉପାଧ୍ୟକ୍ଷ ତଥା ମୁଖ୍ୟ-ପରିବେଶ ସୁରେଶ ମହାପାତ୍ର 'ଲୁହାପଥର ଖଣି ଓ ପରିଷ୍କରଣରେ ପରିବେଶ ଅନୁକୂଳ ପଦ୍ଧତି' ଉପରେ ଆଲୋକପାତ କରିଥିଲେ। ଏନଆଇଟି, ରାଉରକେଲାର ଖଣି ଇଞ୍ଜିନିୟରିଂ ବିଭାଗର ପ୍ରଫେସର ଡକ୍ଟର ଏଚ.ବି.ସାହୁ 'ଶୀତଳ ପୃଥିବୀ ପାଇଁ ଖଣି, ଜଳବାୟୁ କାର୍ଯ୍ୟାନୁଷ୍ଠାନ ପାଇଁ ପରିବେଶ ପରିଚାଳନା ଓ ସ୍ଥାୟୀ ଖଣି କାର୍ଯ୍ୟ' ବିଷୟରେ ବକ୍ତବ୍ୟ ଦେଇଥିଲେ। ରାଉରକେଲା ଆଂଚଳିକ ପରିବହନ ଅଧିକାରୀ ଶ୍ରୀମତୀ ସୁସ୍ମିତା ବେହେରା 'ସ୍ଥାୟୀ ପରିବହନ ଓ ଯାନବାହନ ଧୂଆଁ ହ୍ରାସ' ବିଷୟରେ ନିଜର ମତ ରଖିଥିଲେ। ଏହାପରେ ଅତିଥିମାନଙ୍କୁ ସ୍ମାରକୀ ଏବଂ କପଡା ବ୍ୟାଗ ପ୍ରଦାନ କରାଯାଇଥିଲା। ଇଂରାଜୀ ଓ ହିନ୍ଦୀରେ ମିଶନ ଲାଇଫ ଶପଥ ପାଠ କରାଯାଇଥିଲା। ପରେ 'ଆମ ଖାଦ୍ୟ ଆମ ସଂସ୍କୃତି' ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଉପ-ପରିବେଶ ଯନ୍ତ୍ରୀ ଇଂ ବିଜୟ କୁମାର ଭୋଇ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଶେଷରେ ଉପ ପରିବେଶ ଯନ୍ତ୍ରୀ ଇଂ.ରମଣୀ ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଉପ-ପରିବେଶ ଯନ୍ତ୍ରୀ ଇଂ ଚନ୍ଦ୍ର ଶେଖର ଚୌହାନ, ଇଂ ରଜତ କୁମାର ସେଠୀ, ଓଏସଡି ବି ବି ମହନ୍ତ, ସହକାରୀ ପରିବେଶ ବୈଜ୍ଞାନିକ ପ୍ରଜ୍ଞା ଜ୍ୟୋତି ସେନାପତିଙ୍କ ସମେତ ସମସ୍ତ ଷ୍ଟାଫ ସହଯୋଗ କରିଥିଲେ। ବିଶ୍ୱ ତାପମାତ୍ରାରେ ୧.୫ ପ୍ରତିଶତ ବୃଦ୍ଧି ଘଟିବା ସହ ଗ୍ଲାସିୟର ତରଳି ସମୁଦ୍ର ଜଳପନନ ବୃଦ୍ଧି ପାଇଛି। କଳକାରଖାନାରୁ ନିର୍ଗତ ଧୂଆଁ ବାୟୁମଣ୍ଡଳକୁ ଦୂଷିତ କରୁଥିବା ବେଳେ ରାଉରକେଲା ଇସ୍ପାତ କାରଖାନା ସିପିଟିଆଇ ଅଡିଟୋରିୟମରେ ଆୟୋଜିତ ଶୀତଳ ପୃଥିବୀ ପାଇଁ ବିଶ୍ୱସ୍ତରୀୟ ପଦକ୍ଷେପ ଆଲୋଚନାଚକ୍ରରେ ସ୍କୁଲର ଛୋଟ ଛୋଟ ପିଲାମାନଙ୍କୁ 'ଆମ ଖାଦ୍ୟ ଆମ ସଂସ୍କୃତି'କୁ ନେଇ ପୁରସ୍କୃତ କରାଯିବା କେତେଦୂର ସ୍ପୃହଣୀୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯେଉଁ ଛୋଟ ଛୋଟ ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା, ସେମାନେ ଖାଦ୍ୟ ରନ୍ଧନ ବିଷୟରେ ଜାଣିଛନ୍ତି ନା ପରିବେଶ ସୁସ୍ଥ ରହିବା ବିଷୟରେ ଜାଣିଛନ୍ତି ! ଶୀତଳ ପୃଥିବୀ ପାଇଁ ବିଶ୍ୱସ୍ତରୀୟ ପଦକ୍ଷେପର ଆୟୋଜକ ଏହାର ସ୍ୱଷ୍ଟିକରଣ ଦେବା ଉଚିତ !

# 'ବେଟି ବଚାଓ ବେଟି ପଢ଼ାଓ' ଉପରେ ସମନ୍ୱୟ ବୈଠକ




ସୁନ୍ଦରଗଡ଼,୨୩/୯(ନି/ପ୍ର): ସ୍ଥାନୀୟ ସଦଭାବନା ଭବନ ଠାରେ ବେଟି ବଚାଓ ବେଟି ପଢାଓ ଅନ୍ତର୍ଭୁକ୍ତ ଜିଲ୍ଲା ସ୍ତରୀୟ ସମନ୍ୱୟ ବୈଠକ ଓ 'ଶିଶୁ ପାଇ ଦିନ ଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୂରଜ କୁମାର ପଟ୍ଟନାୟକ ଏବଂ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଫିସର ଉପସ୍ଥିତ ରହି ପ୍ରାସଙ୍ଗିକ ବିଷୟଗୁଡ଼ିକ ଉପରେ ଆଲୋଚନା କରିଥିଲେ। ସେହିଭଳି ବାଲ୍ୟ ବିବାହ ପ୍ରତିରୋଧ ପାଇଁ କି କି ପଦକ୍ଷେପ ଗ୍ରହଣ କରାଯାଇଛି ତାହା ଉପରେ ମଧ୍ୟ ଉପସ୍ଥାପନ କରାଯାଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ଛାତ୍ରୀମାନଙ୍କ ଶିକ୍ଷା ପାଇଁ କଣ କଣ ସୁବିଧା ସୁଯୋଗ ରହିଛି ତାହା ଉପରେ ଆଲୋଚନା କରିଥିଲେ। ସେହିପରି ସ୍ୱାସ୍ଥ୍ୟ ବିଭାଗ, ଜିଲ୍ଲା ପୋଲିସ ବିଭାଗ, ଶ୍ରମ ବିଭାଗ ନିଜ ନିଜ ବିଭାଗରେ ଶିଶୁମାନଙ୍କ ସୁରକ୍ଷା ନିମନ୍ତେ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡିକ ଉପରେ ଆଲୋକପାତ କରିଥିଲେ। ସାମ୍ପ୍ରତିକ ସମୟରେ ତୃଣମୂଳ ସ୍ତରରୁ ଉଦ୍ୟମ କରି ସଚେତନତାର ଅଭିଯାନ ଆରମ୍ଭ କରି ଶିଶୁମାନଙ୍କ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱାରୋପ ପ୍ରଦାନ କରାଯିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ସେହିଭଳି ବୈଠକରେ ବାଲ୍ୟ ବିବାହ ପ୍ରତିରୋଧ କରି ସି.ଡି.ପି.ଓ.ମାନେ ପଦକ୍ଷେପ ଗ୍ରହଣ କଲା ପରେ ମଧ୍ୟ ପରବର୍ତ୍ତୀ ସମୟରେ ବିଭିନ୍ନ ସମସ୍ୟା ଉପୁଜୁଥିବା ନେଇ ପୋଲିସ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଗ୍ରାମ ଶିଶୁ ସୁରକ୍ଷା କମିଟିର ନିୟମିତ ବୈଠକ, କିଶୋର ଟ୍ରାକିଙ୍ଗ ଖାତା ପୂରଣ, ଓ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଓ ବାଲ୍ୟ ବିବାହ ମୁକ୍ତ ପଚାଂୟତ ଘୋଷଣା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା।

# ଗଣପତି ବାପ୍ପା ମୋରିଆ ଜୟଘୋଷରେ କମ୍ପିଲା ରାଜଗାଙ୍ଗପୁର

## ଶାନ୍ତିପୂର୍ଣ୍ଣ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ ବାହାରିଲା ଗଣେଶ ପ୍ରତିମାଗୁଡ଼ିକର ଭବ୍ୟ ବିସର୍ଜନ ଶୋଭାଯାତ୍ରା





ରାଜଗାଙ୍ଗପୁର,୨୩/୯(ନି/ପ୍ର): ରାଜଗାଙ୍ଗପୁର ସହରରେ ନଅ ଦିନବ୍ୟାପୀ ଗଣେଶ ଉତ୍ସବ ମଙ୍ଗଳବାର ଗଣେଶ ପ୍ରତିମାଗୁଡ଼ିକର ଭବ୍ୟ ବିସର୍ଜନ ସହ ସମ୍ପନ୍ନ ହୋଇଛି। ପୂରା ଉତ୍ସବ ସମୟରେ ସହରରେ ଭକ୍ତି ଓ ଉଲ୍ଲାସର ପରିବେଶ ସୃଷ୍ଟି ହୋଇଥିଲା। ବର୍ଷା ସତ୍ତ୍ୱେ ଭକ୍ତଙ୍କ ଉତ୍ସାହ ଗଣେଶ ବିସର୍ଜନ ଦେଖିବା ପାଇଁ ଉଚ୍ଛୁଳି ପଡ଼ିଥିଲା। ବର୍ଷା ମଧ୍ୟରେ ଢୋଲ-ନଗାଡ଼ା, ଭଜନ, କାଶୀରୁ ଆସିଥିବା ଡମରୁ ବାଦନ ଦଳ ଗଙ୍ଗା ଆରତି ଏହି ବର୍ଷ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବିଶେଷ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥିଲା। ମଙ୍ଗଳବାର ବିସର୍ଜନକୁ ନେଇ ସହରରେ ସକାଳୁ ହିଁ ଉତ୍ସାହର ପରିବେଶ ରହିଥିଲା। ସନ୍ଧ୍ୟା ପ୍ରାୟ ଚାରିଟା ସମୟରେ ସ୍ଥାନୀୟ କମିଟି ସେଟଂରରୁ ମହାରାଷ୍ଟ୍ରର ଢୋଲ, ଡିଜେ, ଧୂମାଲ ଓ ଢୋଲ-ବାଜା ସହ ବିଭିନ୍ନ ପୂଜା କମିଟି ପକ୍ଷରୁ ଭବ୍ୟ ବିସର୍ଜନ ଶୋଭାଯାତ୍ରା ବାହାର କରାଯାଇଥିଲା। ଶୋଭାଯାତ୍ରାରେ ୧୦୦ରୁ ଅଧିକ ଗଣେଶ ପ୍ରତିମା ସାମିଲ ହୋଇଥିଲେ। ସହରର ବିଭିନ୍ନ ରାସ୍ତା ଦେଇ ଗତି କରୁଥିବା ଶୋଭାଯାତ୍ରା ସମୟରେ ପୂରା ରାଜଗାଙ୍ଗପୁର ଭକ୍ତିମୟ ହୋଇଉଠିଥିଲା। ବିସର୍ଜନ ଶୋଭାଯାତ୍ରାରେ ଶିଶୁ, ବୃଦ୍ଧ, ମହିଳା ଓ ପୁରୁଷ ବହୁ ସଂଖ୍ୟାରେ ସାମିଲ ହୋଇଥିଲେ। 'ଗଣପତି ବାପ୍ପା ମୋରିଆ, ମଙ୍ଗଳମୂର୍ତ୍ତି ମୋରିଆ' ଜୟଘୋଷରେ ସହରର ଗଗନପବନ କମ୍ପିଉଠିଥିଲା। ଶ୍ରଦ୍ଧାଳୁମାନେ ଢୋଲର ତାଳେ ତାଳେ ନାଚି-ଝୁମୁଥିବାର ନଜର ଆସିଥିଲେ। ମହାରାଷ୍ଟ୍ରରୁ ଆସିଥିବା ଢୋଲ ବାଦକଙ୍କ ପ୍ରଦର୍ଶନ ଲୋକଙ୍କ ମଧ୍ୟରେ ବିଶେଷ ଆକର୍ଷଣର କେନ୍ଦ୍ର ପାଲଟିଥିଲା। ସୁରକ୍ଷାର କଡ଼ା ଇନ୍ତଜାମ ବିସର୍ଜନ ଶୋଭାଯାତ୍ରାକୁ ନେଇ ପ୍ରଶାସନ ଓ ପୋଲିସ ପକ୍ଷରୁ ସୁରକ୍ଷାର ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଡିଆଇଜି ବ୍ରଜେଶ ରାୟ, ଏସପି ଅମୃତ ପାଲ କୌର, ଉପଜିଲ୍ଲାପାଳଙ୍କ ସମେତ ଡିଏସପି, ଆଡିସନାଲ ଏସପି, ଇନ୍ସପେକ୍ଟର ଏବଂ ସବ-ଇନ୍ସପେକ୍ଟରଙ୍କ ସମେତ ବହୁସଂଖ୍ୟାରେ ପୋଲିସ ଅଧିକାରୀ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ସୁରକ୍ଷା ବ୍ୟବସ୍ଥାରେ ୨୨ ପ୍ଲାଟୁନ ଫୋର୍ସ ମୋତାୟନ କରାଯାଇଥିଲା। ଶୋଭାଯାତ୍ରା ରାସ୍ତାର କୋଣ-ଅନୁକୋଣରେ ପୋଲିସ ବଳ ତୁତାରଖ କରୁଥିଲେ। ବିସର୍ଜନ ରାସ୍ତାର ନଜରଦ଼ ଷସତ୍ୱ ବ୍ୟବସ୍ଥା ଡ୍ରୋନ୍ ଏବଂ ସିସିଟିଭି କ୍ୟାମେରା ମାଧ୍ୟମରେ କରାଯାଇଥିଲା। ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ପୂରା ସହର ପୋଲିସ ଛାଉଣିରେ ପରିଣତ ହୋଇଥିବା ପରି ମନେହେଉଥିଲା।

# ସଡ଼କ ଦୁର୍ଘଟଣାରେ ବିଏସଏଫ ଯବାନଙ୍କ ଶୋଚନୀୟ ମୃତ୍ୟୁ, ୭ ଘଟାଂ ଜାତୀୟ ରାଜପଥ ଅବରୋଧ



ବୀରମିତ୍ରପୁର,୨୩/୯(ନି/ପ୍ର): ଜାତୀୟ ରାଜପଥ ନଂ୧୪୩ ବୀରମିତ୍ରପୁର ତଳ ବସଷ୍ଟାଣ୍ଡ ପିଏମଶ୍ରୀ ଆଲେକଜାଣ୍ଡର ସ୍କୁଲ ସାମ୍ନାରେ ଏକ ଅଜଣା ଗାଡ଼ି ଚକତଳେ ଚାପିଯାଇ ଜଣେ ବିଏସଏଫ ଯବାନଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତ ଯବାନଙ୍କ ନାମ ବରତୁ ଭଗତ(୪୯)। ସେ ବୀରମିତ୍ରପୁର ରାଏବଗା ରୋଡର ବାସିନ୍ଦା ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ମୃତକ ଯବାନ ବରତୁ ଭଗତ ରାଜସ୍ଥାନରେ କାର୍ଯ୍ୟରତ ଥିଲେ।ତାଙ୍କ ସ୍ତ୍ରୀ ଓ ଛୁଆଙ୍କୁ ଛାଡିବା ପାଇଁ ଛୁଟିନେଇ ଘରକୁ ଆସିଥିଲେ ଆଜି ଫେରିବା ପାଇଁ ତାଙ୍କର ଟ୍ରେନ ଟିକେଟ ହୋଇଥିଲା। ଗତକାଲି ବରତୁ ଭଗତ କୌଣସି କାମରେ ତାଙ୍କ ଶଶୁରଘର ବୀରମିତ୍ରପୁର ନିକଟସ୍ଥ ବାରାବସକୁ ଯାଇଥିଲେ କାମସାରି ରାତି ପ୍ରାୟ ସାଢେ ଏଗାରଟା ବେଳେ ତାଙ୍କ ସ୍କୁଟି (ଓଡି ୧୪ ଜେ ୦୪୮୬)ରେ ବୀରମିତ୍ରପୁର ଫେରୁଥିବା ବେଳେ ତଳବସଷ୍ଟାଣ୍ଡ ଆଲେକଜାଣ୍ଡର ସ୍କୁଲ ସାମ୍ନାରେ ରାସ୍ତା ଖରାପ ଥିବାରୁ ଗାଡ଼ି ଚକ ଏକ ଖାଲରେ ପଡିଯିବାରୁ ସେ ସ୍କୁଟିରୁ ରାସ୍ତା ଉପରେ ପଡ଼ିଯାଇଥିଲେ। ସେତିକିବେଳେ ପଛରୁ ଆସୁଥିବା ଏକ ମାଲବୋଝେଇ ଟ୍ରେଲର ଛକ ବରତୁ ଭଗତଙ୍କ ମୁଣ୍ଡ ଉପରେ ଚଢିଯିବାରୁ ଘଟଣା ସ୍ଥଳରେ ହିଁ ତାଙ୍କର ଶୋଚନୀୟ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇବା ପରେ ଟ୍ରେଲରଟି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ବୀରମିତ୍ରପୁର ଜାତୀୟ ରାଜପଥ ଅବସ୍ଥା ଅତି ଶୋଚନୀୟ ଥିବାରୁ ଏବଂ ରାସ୍ତାରେ ଧୂଳିଯୋଗୁ ବାରମ୍ୱାର ଦୁର୍ଘଟଣା ଘଟୁଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ଓ ମୃତକଙ୍କ ପରିବାର ଲୋକେ ଶବକୁ ରାସ୍ତାଉପରେ ରଖି ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ। ଖବରପାଇ ବୀରମିତ୍ରପୁର ଥାନା ପୁଲିସ ଏସଆଇ ପ୍ରଦୀପ କୁମାର ସାହୁ ପୁଲିସ ଦଳସହ ଘଟଣା ସ୍ଥଳରେ ପହଚିଂ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରାଇବା ପରେ ସକାଳ ୬ଟା ବେଳେ ରାସ୍ତାରୋକ ହଟିଥିଲା। ପୁଲିସ ଶବକୁ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁକରି ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଧରିବା ପାଇଁ ଉଦ୍ୟମ ଚଳାଇଛି !

# ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଦିବ୍ୟାଙ୍ଗଙ୍କୁ ଇ-ସ୍କୁଟି ପ୍ରଦାନ

ଧର୍ମଶାଳା,୨୩/୯(ନି/ପ୍ର) :ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଓ ଅନ୍ୟ ନିର୍ବାଚନ ମଣ୍ଡଳୀର ଅସୁବିଧାରେ ଥିବା ଲୋକମାନଙ୍କୁ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଦ୍ୱାରା ପରିଚାଳିତ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ନିରନ୍ତର ଭାବେ ସହାୟତା ଯୋଗାଇ ଦେଇ ଆସୁଛି । ଏହି ପରିପ୍ରେକ୍ଷୀରେ ବିଧାୟକ ଶ୍ରୀ ସାହୁଙ୍କ ପରାମର୍ଶ କ୍ରମେ ଗଡମଧୁପୁର ପଂଚାୟତ ମଧୁପୁରଗଡର ଗ୍ରାମର ଦିବ୍ୟାଙ୍ଗ ଇନ୍ଦ୍ରଜିତ ବେହେରା ଓ ଜେନାପୁର ପଂଚାୟତ ଅରିମୁଳ ଗ୍ରାମର ମନୋଜ କୁମାର ଡୋରାଙ୍କୁ ଟ୍ରଷ୍ଟ ପକ୍ଷରୁ ଇ-ସ୍କୁଟି ପ୍ରଦାନ କରାଯାଇଛି । ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ବିଧାୟକ ଶ୍ରୀ ସାହୁଙ୍କ ପରାମର୍ଶ କ୍ରମେ ଟ୍ରଷ୍ଟ ପକ୍ଷରୁ ଦିବ୍ୟାଙ୍ଗମାନଙ୍କୁ ଇ-ସ୍କୁଟି ପ୍ରଦାନ କରାଯାଇଛି । ଦିବ୍ୟାଙ୍ଗମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେମାନଙ୍କୁ ଇଲେକଟ୍ରିକ ଚାଳିତ ସ୍କୁଟିମାନ ପ୍ରଦାନ କରାଯାଉଛି ବୋଲି ବିଧାୟକ ଶ୍ରୀ ସାହୁ ମତବ୍ୟକ୍ତ କରିଛନ୍ତି । ଇ-ସ୍କୁଟି ପାଇବାରୁ ବାଦ ପଡିଯାଇଥିବା ଦିବ୍ୟାଙ୍ଗମାନଙ୍କୁ ଆଗକୁ ପର୍ଯ୍ୟାୟ କ୍ରମେ ଏଭଳି ଇ-ସ୍କୁଟି ପ୍ରଦାନ କରାଯିବ ବାଲି ବିଧାୟକ ଶ୍ରୀ ସାହୁ କହିଛନ୍ତି । ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ବିଧାୟକ ଶ୍ରୀ ସାହୁଙ୍କ ପରାମର୍ଶ କ୍ରମେ ଟ୍ରଷ୍ଟ ପକ୍ଷରୁ ଦିବ୍ୟାଙ୍ଗମାନଙ୍କୁ ଇ-ସ୍କୁଟି ପ୍ରଦାନ କରାଯାଇଛି । ଦିବ୍ୟାଙ୍ଗମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେମାନଙ୍କୁ ଇଲେକଟ୍ରିକ ଚାଳିତ ସ୍କୁଟିମାନ ପ୍ରଦାନ କରାଯାଉଛି ବୋଲି ବିଧାୟକ ଶ୍ରୀ ସାହୁ ମତବ୍ୟକ୍ତ କରିଛନ୍ତି । ଇ-ସ୍କୁଟି ପାଇବାରୁ ବାଦ ପଡିଯାଇଥିବା ଦିବ୍ୟାଙ୍ଗମାନଙ୍କୁ ଆଗକୁ ପର୍ଯ୍ୟାୟ କ୍ରମେ ଏଭଳି ଇ-ସ୍କୁଟି ପ୍ରଦାନ କରାଯିବ ବୋଲି ବିଧାୟକ ଶ୍ରୀ ସାହୁ କହିଛନ୍ତି ।

# ହାଡିଆରେ ବେଆଇନ ମଦ ବିକ୍ରି ବନ୍ଦ ପାଇଁ ଜୟପୁର ସଦର ଥାନା ଓ ଅବକାରି ଥାନା ଘେରାଉ

ଜୟପୁର, ୨୩/୯(ନି/ପ୍ର): କୋରାପୁଟ ଜିଲାରେ ବିଷାକ୍ତ ବେଆଇନ ମଦ କାରବାର ଜୋରସୋରରେ ଚାଲିଛି । ଗତ ଦିନରେ ବୋରିଗୁମ୍ମା, କୋଟପାଡ, କୁନ୍ଦୁରାରେ ମହିଳାମାନେ ମଦ ବନ୍ଦ କରିବା ପାଇଁ ପୋଲିସ ଓ ଅବକାରୀ ବିଭାଗ କାର୍ଯ୍ୟାଳୟ ଘେରାଉ କରି ଦାବି ପତ୍ର ପ୍ରଦାନ କରିଥିବା ବେଳେ ଆଜି ଜୟପୁରରେ ମଦ ବନ୍ଦ କରିବା ପାଇଁ ମହିଳା ମାନେ ଆଗକୁ ଆସିଛନ୍ତି । ଜୟପୁର ସଦର ଥାନା ଅନ୍ତର୍ଗତ ହାଡିଆ ପଂଚାୟତରେ ବେଆଇନ ମଦ ବିକ୍ରି ସହ ମଦ ବନ୍ଦ କରିବାକୁ ଶତାଧିକ ମହିଳା ବାହାରିଛନ୍ତି । ଏନେଇ ଆଜି ଜୟପୁର ସଦର ଥାନା ଓ ଅବକାରି ଥାନାକୁ ଘେରାଉ କରାଯାଇଛି । ଏନେଇ ଜୟପୁର ସଦର ଥାନା ଅଧିକାରୀ ଓ ଅବକାରି ଥାନା ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ହାଡିଆରେ ବହୁତ ଦିନ ହେବ ବେଆଇନ ଭାବେ ଚୋରା ମଦ କାରବାର ବହୁଳ ମାତ୍ରାରେ ବଢି ଚାଲିଛି । ଏହି ବେଆଇନ ମଦ ବିକ୍ରି ଯୋଗୁଁ ଅଂଚଳରେ ସବୁବେଳେ ମଦ୍ୟପ ମାନଙ୍କ ଆଡ୍ଡା ଜମୁଛି । ପ୍ରତ୍ୟେକ ଦିନ ମଦ୍ୟପାନ କରି କାସ୍ତା ଘାଟରେ ଗାଳି ଗୁଲଜ କରିବା ସହ ଝଗଡା ସୃଷ୍ଟି କରୁଛନ୍ତି । ଏହାଦ୍ୱାରା ମହିଳା, ସ୍କୁଲ ଓ କଲେଜ ପଢୁଥିବା ଛାତ୍ର ଛାତ୍ରୀ ଏବଂ ସାଧାରଣ ଲୋକ ଯାତାୟାତ କରିବା ସମୟରେ ଅସୁରକ୍ଷିତ ମଣୁଛନ୍ତି । ଶାନ୍ତିପୂର୍ଣ ସାମାଜିକ ପରିବେଶ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହେଉଛି ଏବଂ ଅପରାଧିକ ମାମଲା ବଢିବା ଆଶଙ୍କା ଦେଖା ଦେଇଛି । ଏମିତିକି ମଦ ପାଇଁ ଭତା କାର୍ଡ, ଚାଉଳ କାର୍ଡ ହାଣ୍ଡିକୁଣ୍ଡି ବନ୍ଧ ପକାଇ ଘରର ପୁରୁଷ ମାନେ ମଦ ପିଉଥିବା ବେଳେ ମହିଳା ମାନେ ହଇରାଣ ହେଉଛନ୍ତି । ମଦ୍ୟପାନ କରି ପୁରୁଷ ମାନେ ମହିଳା ମାନଙ୍କୁ ଆକ୍ରମଣ କରୁଛନ୍ତି । ବିଷାକ୍ତ ମଦ ପିଇ ଗ୍ରାମରେ ୨ ଜଣ ମୃତ୍ୟୁବରଣ କରିଥିବା ଗ୍ରାମର ମହିଳା ମାନେ ଅଭିଯୋଗ କରିଛନ୍ତି । ତେଣୁ ପୋଲିସ ଓ ଅବକାରି ବିଭାଗ ତରଫରୁ ଚଢଉ କରି ବେଆଇନ ମଦ କାରବାର ବନ୍ଦ କରିବା ସହ ଦୋଷୀଙ୍କ ବିରୁଦ୍ଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନରହରି ଭତ୍ରା, କିଶୋର ଚନ୍ଦ୍ର ମାଲି, ପତି ଭୁମିଆ ପ୍ରମୁଖ ଦାବି କରିଛନ୍ତି । ଯଦି ପୋଲିସ ଓ ଅବକାରି ପ୍ରଶାସନ କିଛି ପଦକ୍ଷେପ ନନେଲେ ତେବେ ଏସପିଙ୍କ ଦ୍ୱାରସ୍ଥ ହେବୁ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ତେଣୁ ପ୍ରଶାସନ ଚଢଉ କରି ପଦକ୍ଷେପ ନେବା ସହ ରାଜ୍ୟ ସରକାର ମଧ୍ୟ ମଦ କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ମତ ପ୍ରକାଶ ପାଇଛି ।

# ବଳରାମପୁର ଉଚ୍ଚ ବିଦ୍ୟାଳୟରେ ବାଲ୍ୟ ବିବାହ ସଚେତନତା କାର୍ଯ୍ୟକ୍ରମ

ଭୁବନ,୨୩/୯(ନି/ପ୍ର) :ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ୍ ଅନ୍ତର୍ଗତ ବଳରାମପୁର ଉଚ୍ଚ ବିଦ୍ୟାଳୟ ଠାରେ ବିଶ୍ୱ ଯୁବ କେନ୍ଦ୍ର, ଜଷ୍ଟ ରାଇଟ ଫର୍ ଚିଲ୍ଡରେନ୍ ପ୍ରକଳ୍ପ ତରଫରୁ ଏକ ଦିବସୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଉକ୍ତ ବୈଠକରେ ବିଶ୍ୱ ଯୁବ କେନ୍ଦ୍ରର କାଉନସେଲର ମନସ୍ମିତା ନାୟକ ସ୍ୱାଗତ ଭାଷଣ ଦେଇ ବାଲ୍ୟ ବିବାହ ନିଷେଧ ଆଇନ ବିଷୟରେ ଆଲୋଚନା କରି ବାଲ୍ୟ ବିବାହ ପାଇଁ ଝିଅ ଉପରେ ପଡୁଥିବା ଶାରୀରିକ, ମାନସିକ ତଥା ଆର୍ଥିକ ଚାପ ଶିକ୍ଷା ତଥା ଆତ୍ମ ନିର୍ଭରଶୀଳତା ଅଭାବ ସାମାଜିକ କୁପରିଣାମ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ବିଶ୍ୱ ଯୁବ କେନ୍ଦ୍ରର ଏହି ସଚେତନତା କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ ।ବାଲ୍ୟ ବିବାହ ରୋକିବା ସହ ଶିଶୁ ମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ ନାମ ଲେଖାଇବା ଓ ସଚେତନତା ଅଭିଯାନ ଆୟୋଜନ କରାଯାଇଛି ।

# ଜାପାନରେ ଅନୁଷ୍ଠିତ ହେବାକୁ ଥିବା ଏସୀୟ କ୍ରୀଡ଼ା – ୨୦୨୬ରେ ଭାରତର ପ୍ରତିନିଧିତ୍ୱ କରିବେ ରାଉରକେଲା ଇସ୍ପାତ କାରଖାନା ପରିବାରର ଝିଅ ସ୍ୱସ୍ତି ସିଂହ




ରାଉରକେଲା,୨୩/୯(ନି/ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା ର ଅକ୍ସିଜେନ୍ ପ୍ଲାଂଟରେ କନିଷ୍ଠ ଯନ୍ତ୍ରୀ ଭାବରେ କାର୍ଯ୍ୟରତ ଶ୍ରୀ ଅମର ସିଂହ ଏବଂ ଶ୍ରୀମତୀ ଉମା ଦେବୀଙ୍କ ଝିଅ ସ୍ୱସ୍ତି ସିଂହ ଜାପାନରେ ଅନୁଷ୍ଠିତ ହେବାକୁ ଥିବା ଏସୀୟ କ୍ରୀଡ଼ା ରେ ଭାରତର ପ୍ରତିନିଧିତ୍ୱ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଏହି ଯୁବ ସାଇକ୍ଲିଷ୍ଟ ୪ କିଲୋମିଟର ଟିମ୍ ପରସୁଟ୍ ଏବଂ ୱିମେନ୍ ମ୍ୟାଡିସନ୍ – ଏହି ଦୁଇଟି ଇଭେଂଟରେ ପ୍ରତିଯୋଗିତା କରି ଦେଶ ତଥା ନିଜ ଗୃହ ସହରର ଆଶା ଓ ଆକାଂକ୍ଷାକୁ ବହନ କରିବେ। ରାଉରକେଲାର ପ୍ରତିଭାବାନ୍ ସାଇକ୍ଲିଷ୍ଟ ସ୍ୱସ୍ତି ନିଜର ନିଷ୍ଠା, ଅନୁଶାସନ ଏବଂ ନିରନ୍ତର ପ୍ରଚେଷ୍ଟା ମାଧ୍ୟମରେ ସାଇକ୍ଲିଂ କ୍ଷେତ୍ରରେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସେ ଏପର୍ଯ୍ୟନ୍ତ ୨୦ରୁ ଅଧିକ ଜାତୀୟ ପଦକ ଏବଂ ଚାରୋଟି ଆନ୍ତର୍ଜାତୀୟ ପଦକ ଜିତିସାରିଛନ୍ତି। ଡିସେମ୍ବର ୨୦୨୫ରେ ରୁଦ୍ରପୁରଠାରେ ଅନୁଷ୍ଠିତ ୭୭ତମ ସିନିୟର ନ୍ୟାସନାଲ୍ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନ୍ସିପ୍‌ରେ ସେ ତିନୋଟି ସ୍ୱର୍ଣ୍ଣ ଏବଂ ଦୁଇଟି ରୌପ୍ୟ ପଦକ ଜିତିବା ପରେ ଟୁର୍ଣ୍ଣାମେଂଟରଶ୍ରେଷ୍ଠ ମହିଳା ସାଇକ୍ଲିଷ୍ଟ ଭାବେ ସମ୍ମାନିତ ହୋଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସ୍ୱସ୍ତି ଆର.ଏସ.ପି ର ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ୍‌ରେ ନିଜର ସାଇକ୍ଲିଂ ଦକ୍ଷତାକୁ ସାଣିତ କରିଛନ୍ତି। ନିରନ୍ତର ତାଲିମ ଏବଂ ଲକ୍ଷ୍ୟ-ଭିତ୍ତିକ ପ୍ରସ୍ତୁତି ସହିତ, ସେ କ୍ରମାଗତ ଭାବରେ ଆନ୍ତର୍ଜାତୀୟ କ୍ରୀଡ଼ା ପ୍ରାଙ୍ଗଣକୁ ଅଗ୍ରସର ହୋଇ ରାଉରକେଲା ଏବଂ ଓଡ଼ିଶା ପାଇଁ ଗୌରବ ଆଣିଦେଇଛନ୍ତି। ଏସୀୟ କ୍ରୀଡ଼ାରେ ଭାରତର ପ୍ରତିନିଧିତ୍ୱ କରିବା ପାଇଁ ତାଙ୍କର ମନୋନୟନ ତାଙ୍କ କ୍ରୀଡ଼ା ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ। ଝିଅର ସଫଳତା ସମ୍ପର୍କରେ ଗର୍ବିତ ପିତା ଶ୍ରୀ ଅମର ସିଂହ କହିଛନ୍ତି, ମୋ ଝିଅ ଏସୀୟ କ୍ରୀଡ଼ାରେ ଭାରତର ପ୍ରତିନିଧିତ୍ୱ କରୁଥିବା ଦେଖି ମୁଁ ଅତ୍ୟନ୍ତ ଗର୍ବିତ ଏବଂ ଆନନ୍ଦିତ । ଏହି କ୍ରିଡା ଯାତ୍ରାରେ ତାକୁ ଉତ୍ସାହିତ କରିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ଭଲପାଇବା, ସହଯୋଗ ଏବଂ ଆଶୀର୍ବାଦ ପାଇଁ ମୁଁ କୃତଜ୍ଞ। ବିଶେଷ କରି ଆର.ଏସ.ପି ପ୍ରବନ୍ଧନଙ୍କୁ ମୁଁ ଅଶେଷ ଧନ୍ୟବାଦ ଜଣାଉଛି, ଯେ କି ତା'ର ପ୍ରତିଭାକୁ ପ୍ରାରମ୍ଭିକ ପର୍ଯ୍ୟାୟରୁ ଚିହ୍ନଟ କରି ଜଣେ ସାଇକ୍ଲିଷ୍ଟ ଭାବରେ ଗଢ଼ିବାରେ ସୁଯୋଗ, ମାର୍ଗଦର୍ଶନ ଏବଂ ତାଲିମ ପ୍ରଦାନ କରିଛନ୍ତି । ସ୍ୱସ୍ତି ଜଣେ ପରିଶ୍ରମୀ ଏବଂ ସମର୍ପିତ କ୍ରୀଡାବିତ ଏବଂ ମୁଁ ଆଶା କରୁଛି ଯେ ସେ ଦେଶ ପାଇଁ ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଦେବ ଏବଂ ରାଉରକେଲାକୁ ଗର୍ବିତ କରିବ।ସେଲ୍, ରାଉରକେଲା ଇସ୍ପାତ କାରଖାନା ସମୁଦାୟିକଙ୍କ ଆନ୍ତର୍ଜାତୀୟ ସାଇକ୍ଲିଂ ପ୍ରତିଭା କୁମାରୀ ସ୍ୱସ୍ତି ସିଂହଙ୍କ ପ୍ରତି ଆନ୍ତରିକ ଅଭିନନ୍ଦନ ଏବଂ ଶୁଭକାମନା ରହିଛି । ସ୍ୱସ୍ତି, ଗୌରବ ଆଡ଼କୁ ସଫଳତା ସୂଚକ ସାଇକେଲ ପେଡାଲ୍ ଚଳାଉ ଥିବାବେଳେ ସମଗ୍ର ଆର.ଏସ.ପି ପରିବାର ଏବଂ ସମ୍ପୂର୍ଣ୍ଣ ରାଉରକେଲା ଇସ୍ପାତ ସହର ତାଙ୍କ ସହ ଦଣ୍ଡାୟମାନ ।